

ନୟାହାଟସ୍ଥିତ ଟିଟିଙ୍ଗାପଡ଼ା ଗ୍ରାମରେ ମା' ଅମ୍ବିକେଈ ଠାକୁରାଣୀଙ୍କ ବାର୍ଷିକ ଉତ୍ସବ ନିମନ୍ତେ କଳସ ଯାତ୍ରା

## ମା' ବୁଢ଼ୀ ଠାକୁରାଣୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା

ଚାରିଛକ,୩୧।୧(ସମିସ): ନିମାପଡ଼ା ବ୍ଲକ୍ ଅନ୍ତର୍ଗତ ଚାରିଛକ ନିକଟସ୍ଥ ତୁଳସୀପୁର ପଞ୍ଚାୟତ ପଥରପଦା ଗ୍ରାମର ମା' ବୁଢ଼ୀ ଠାକୁରାଣୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଓ ବିଶ୍ୱଶାନ୍ତି ମହାଯଜ୍ଞ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏହି ଯଜ୍ଞ ୪ ଦିନ ଧରି ଚାଲିଥିବାବେଳେ ପୂଜକ ସନାତନ ଦାଶ, ରସାନନ୍ଦ ଦାଶ, ମନୋଜ ଦାଶ ପ୍ରମୁଖ ଯଥା ରୀତିନୀତି ଅନୁସାରେ ପୂଜାକାର୍ଯ୍ୟ କରିଥିଲେ। ମୁଖ୍ୟ କର୍ତ୍ତା ଭାବେ ନିରଞ୍ଜନ ଦାଶ, ନବଘନ ସ୍ୱାଇଁ, ଗଗନ ଦାଶ, ରଞ୍ଜନ ତ୍ରିପାଠୀ, ନିର୍ମଳା ଦାଶ, ପ୍ରତିମା ସ୍ୱାଇଁ, ରଞ୍ଜିତା ରାଣୀ ଦାଶ, ସୀମା ଦାଶ, ପ୍ରିୟଙ୍କା ତ୍ରିପାଠୀ ପୂଜା କାର୍ଯ୍ୟରେ ଯୋଗଦେଇଥିଲେ। ପଣ୍ଡିତ ଅଜୟ ଆଚାର୍ଯ୍ୟ, ସୂର୍ଯ୍ୟ ନାରାୟଣ ଦାଶ, ସତ୍ୟଶ୍ରୀ ରଥ, ଦେବଦତ୍ତ ପାଢ଼ୀ, କାହ୍ନୁ ଚରଣ ପାଢ଼ୀ, ବିକ୍ରମ ପାଢ଼ୀ ପ୍ରମୁଖ ଯୋଗଦେଇ ଯଜ୍ଞର ପୂର୍ଣ୍ଣାହୁତି କରିଥିଲେ। ଗ୍ରାମର ହିମାଂଶୁ ଭୂଷଣ ଦାଶ, ମାନସ ରଞ୍ଜନ ଦାଶ, ନନ୍ଦ କିଶୋର ପଲେଇ, ଆର୍ତ୍ତତ୍ରାଣ ଭୋଇ, ମନୋରଞ୍ଜନ ବାରିକଙ୍କ ସମେତ ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ।

### 'ମା' ପାଇଁ ଗଛଟିଏ' ଯୋଜନାରେ ଲକ୍ଷ ଲକ୍ଷ ଟଙ୍କାର ଦୁର୍ନୀତି

# ଫଳକ ଅଛି, ଗଛ ନାହିଁ; ରକ୍ଷଣାବେକ୍ଷଣ ବିଲ୍ ଉଠାଇବାକୁ ମସୁଧା

କୁଣ୍ଢେଇ,୩୧।୧(ସମିସ)

ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନରେ ମା' ପାଇଁ ଗଛଟିଏ ଯୋଜନାରେ ରାଜ୍ୟର ସମସ୍ତ ବ୍ଲକ୍ ଅଞ୍ଚଳର ବିଭିନ୍ନ ଗ୍ରାମ ପଞ୍ଚାୟତରେ 'ମନରେଗା' ଯୋଜନାରେ ଗଛ ଲଗାଗଲା। ଏହି କ୍ରମରେ ପୁରୀ ଜିଲ୍ଲା କାକଟପୁର ବ୍ଲକ୍ ଅଧୀନରେ ଥିବା ୧୬ଟି ଗ୍ରାମ ପଞ୍ଚାୟତର ସରପଞ୍ଚ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, ଶିକ୍ଷକ, ଅଙ୍ଗନବାଡ଼ି କର୍ମୀମାନେ ପୋଖରୀ ହୁଡ଼ା, ଅନାବାଦୀ, ଗୋଚର, ଶ୍ମଶାନ, ରାସ୍ତାକଡ଼, ବିଦ୍ୟାଳୟ ଓ ଅଙ୍ଗନବାଡ଼ି ପରିସରରେ ଯିଏ ଯେଉଁଠି ପାରିଲା ସେଠି ଫଳକଟିଏ ମାରି ଅନାବନା ଜଙ୍ଗଲୀ ଗଛ ସବୁ ପୋତି ପକାଇଲେ। ଫଟୋ ଉଠାଇ ବ୍ଲକ୍ ପ୍ରଶାସନକୁ ଅବଗତ କରି ପକାଇଲେ। କାରଣ ଏହି ଯୋଜନାରେ ୫୦୦ ଗଛ ଲଗାଇବା ପାଇଁ ପଞ୍ଚାୟତ ପିଛା ୧ ଲକ୍ଷ ୯୦ ହଜାର ଟଙ୍କା 'ମନରେଗା' ଯୋଜନାରେ ମଞ୍ଜୁର ହୋଇଥିଲା। ମିଥ୍ୟା ମଷ୍ଟର ରୋଲ୍‌ରେ ଶ୍ରମ ଦିବସ ବାହାରିଗଲା। ୧ ଲକ୍ଷ ୯୦ ହଜାର ଟଙ୍କା ମଧ୍ୟରୁ ଗଛ ଲଗାଇବା ପାଇଁ ୫୪ ହଜାର ଟଙ୍କା ବ୍ୟୟ ଅଟକଳ ଥିବାବେଳେ ଏହି ଗଛ ସବୁର ୩ ବର୍ଷ ରକ୍ଷଣାବେକ୍ଷଣ ବାବଦରେ ୧ ଲକ୍ଷ ୩୬ ହଜାର ଟଙ୍କା ଶ୍ରମିକ ମଜୁରୀ ଓ ଅନ୍ୟାନ୍ୟ ବାବଦରେ ପର୍ଯ୍ୟାୟକ୍ରମେ ମିଳିବ ବୋଲି ବ୍ଲକ୍‌ର ଜନୈକ ଅଧିକାରୀ କହିଛନ୍ତି। କିନ୍ତୁ କାକଟପୁର ବ୍ଲକ୍‌ର କେତେକ ପଞ୍ଚାୟତରେ ଏହି ଯୋଜନା ଦିଗହରା ହୋଇପଡ଼ିଥିବା ବେଳେ ସୂଚନାଫଳକ ଅଛି, କିନ୍ତୁ ଗଛ ଆଉ ଦେଖିବାକୁ ମିଳୁନାହିଁ। ବନ ବିଭାଗ ପକ୍ଷରୁ ଯେତିକି ଚାରା କାକଟପୁର ବ୍ଲକ୍‌ର ବିଭିନ୍ନ ଗ୍ରାମ ପଞ୍ଚାୟତକୁ ଯୋଗାଇ ଦିଆଯାଇଛି ବୋଲି କାଗଜପତ୍ରରେ ଦର୍ଶାଯାଇଛି, ପ୍ରକୃତରେ ଏତେ ପରିମାଣର ଚାରା ବନ ବିଭାଗ ପକ୍ଷରୁ ଯୋଗାଣ ହୋଇନାହିଁ ବୋଲି ବିଭିନ୍ନ ଗ୍ରାମପଞ୍ଚାୟତର ଲୋକ ଅଭିଯୋଗ କରିଛନ୍ତି। ପ୍ରାୟ ପଞ୍ଚାୟତରେ ଗଛଗୁଡ଼ିକର ଯତ୍ନ ନିଆଯାଇ ନ ଥିବାରୁ ଗଛଗୁଡ଼ିକ ମରି ଜଳି ଯାଇଥିବାବେଳେ ଏବେ ଏହାର ରକ୍ଷଣାବେକ୍ଷଣ ବାବଦରେ ବିଲ୍ ଉଠାଇବାକୁ ମସୁଧା ଚାଲିଛି ବୋଲି ବିଭିନ୍ନ ମହଲରେ ଅଭିଯୋଗ ହେଉଛି।

କେତେକ ପଞ୍ଚାୟତରେ ୧୦୦ ଚାରା ଲଗାଇ ୫୦୦ ଚାରା ରୋପଣ କରାଯାଇଛି ବୋଲି କାଗଜପତ୍ରରେ ଦର୍ଶାଯାଇଛି। ଆଉ କେଉଁ ପଞ୍ଚାୟତରେ ଲୋକ ଦେଖାଣିଆ ଭାବେ ଅଳ୍ପ କିଛି ଗଛ ପୋତି କାଗଜପତ୍ରରେ ଆକାଶୀ, ଅଗସ୍ତି, ଅର୍ଜୁନ, ନରକୋଳି, କାଜୁ ଆଦି ବିଭିନ୍ନ ପ୍ରଜାତିର ଗଛ ଲଗାଯାଇଛି ବୋଲି କାକଟପୁର ବ୍ଲକ୍ ପ୍ରଶାସନକୁ ପଞ୍ଚାୟତ ଲୋକପ୍ରତିନିଧି ଓ ଗ୍ରାମ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀମାନେ କାଗଜପତ୍ରରେ ଦର୍ଶାଇଛନ୍ତି। ସୂଚନା ମୁତାବକ, କାକଟପୁର ବ୍ଲକ୍ ଅଧୀନରେ ଥିବା କାକଟପୁର ୫୪ ହଜାର, ଅବଦାନ ୫୪, ବାଙ୍ଗୁରୀଗାଁ ୬୧, ଭଣ୍ଡାଘର ୩୬, ଜଳେଶ୍ୱରପଡ଼ା ୨୭, କଟକଣା ୩୧, କାଦୁଆନୂଆଗାଁ ୫୪, କଣ୍ଟାପଡ଼ା ୫୪, କୁଣ୍ଢେଇ ୫୪, କୁରୁଜଙ୍ଗା ୯, ଲତାହରଣ ୫୯, ଓଥକା ୪୪, ପାଟସୁନ୍ଦରପୁର ୫୪, ସୁହାଗପୁର ୪୭, ନାଶିକେଶ୍ୱର ୩୬ ଓ ସୁହାଣପୁରକୁ ୫୪ ହଜାର ଟଙ୍କା ପ୍ରାଥମିକ ପର୍ଯ୍ୟାୟରେ ଚାରାରୋପଣ ପାଇଁ ମିଳିଛି। କିନ୍ତୁ ପ୍ରାୟ ଗ୍ରାମପଞ୍ଚାୟତରେ ଗଛଗୁଡ଼ିକର ଯତ୍ନ ନିଆଯାଇ ନ ଥିବାରୁ ଗଛଗୁଡ଼ିକ ମରି ଜଳିଯାଇଛି। ଗ୍ରାମ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀମାନଙ୍କ ତାଲିକା ଅନୁଯାୟୀ ଏବେ ପଞ୍ଚାୟତରେ ଗଛ ନ ଥିବାବେଳେ କେତେକ ମୁଷ୍ଟିମେୟ ବ୍ୟକ୍ତି, ସରପଞ୍ଚ ଓ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀମାନେ ଗଛଗୁଡ଼ିକର ରକ୍ଷଣାବେକ୍ଷଣ ବାବଦରେ ବ୍ଲକ୍‌ରୁ ବିଲ ଉଠାଇବାକୁ ମସୁଧା ଚଳାଇଥିବା ଅଭିଯୋଗ ହେଉଛି। ତେବେ ଏ ସଂକ୍ରାନ୍ତରେ ବ୍ଲକ୍ ବିଡିଓ ନାରାୟଣ ଦୀକ୍ଷିତଙ୍କୁ ପଚାରିବାରୁ, ଯେତିକି ଗଛ ବଞ୍ଚିଥିବ ତା'ର ରକ୍ଷଣାବେକ୍ଷଣ ବାବଦରେ ବିଲ୍ ମିଳିବ। ନିୟମ ଅନୁଯାୟୀ ଯଦି କୌଣସି କାରଣରୁ ଗଛ ନଷ୍ଟ ହୋଇଯାଇଛି, ତେବେ ସେ ସ୍ଥାନରେ ପୁନର୍ବାର ଚାରାରୋପଣ କରାଯିବ। ଯଦି ଗଛ ନାହିଁ ତେବେ ରକ୍ଷଣାବେକ୍ଷଣ ବାବଦରେ ବିଲ୍ ମିଳିବନାହିଁ ବୋଲି କହିଛନ୍ତି।

## ଦିବ୍ୟଜୀବନ ସଂଘର ସୁବର୍ଣ୍ଣ ଜୟନ୍ତୀ ଉଦ୍‌ଯାପିତ

ନିମାପଡ଼ା,୩୧।୧(ସମିସ): ସ୍ଥାନୀୟ ଦିବ୍ୟଜୀବନ ସଂଘ, ନିମାପଡ଼ା ଶାଖାର ୫୦ତମ ବାର୍ଷିକ ଉତ୍ସବ ତଥା ସୁବର୍ଣ୍ଣ ଜୟନ୍ତୀ ସମାରୋହ ଉଦ୍‌ଯାପିତ ହୋଇଯାଇଛି। ଗତ ଜାନୁଆରୀ ୨୧ରୁ ୨୯ ତାରିଖ ପର୍ଯ୍ୟନ୍ତ ଆୟୋଜିତ କାର୍ଯ୍ୟକ୍ରମରେ ସାଧୁସନ୍ଥ, ପଣ୍ଡିତମାନେ ଯୋଗଦେଇ ଭାଗବତ ପାରାୟଣ ଓ ଅମୃତ ବଚନ ପରିବେଷଣ କରିଥିଲେ। ଇତ୍ୟବସରରେ ଦିବ୍ୟଜୀବନ ସଂଘର ମୁଖପତ୍ର ସ୍ୱାମୀ ଜଗନ୍ନାଥାନନ୍ଦ ସରସ୍ୱତୀ ମହାରାଜଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ସୁବର୍ଣ୍ଣ ଜୟନ୍ତୀ ସମାରୋହର ଉଦ୍‌ଯାପନୀ ଦିବସରେ ପୂଜ୍ୟଶ୍ରୀ ସ୍ୱାମୀ ବ୍ରହ୍ମ ସାକ୍ଷାତ୍‌କାରୀ ନନ୍ଦ ସରସ୍ୱତୀ ମହାରାଜ, ସ୍ୱାମୀ ସଦାଶିବାନନ୍ଦ ସରସ୍ୱତୀ ମହାରାଜ, ସ୍ୱାମୀ ପୁରୁଷୋତ୍ତମାନନ୍ଦ ସରସ୍ୱତୀ ମହାରାଜ, ସ୍ୱାମୀ ସଦାନନ୍ଦ ସରସ୍ୱତୀ ମହାରାଜ, ବାବାଜୀ ବ୍ରଜବନ୍ଧୁ ଦାଶ ମହାରାଜ, ରୀତିକାନନ୍ଦା ସରସ୍ୱତୀ ଓ ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା ଆଶୀର୍ବଚନ ପ୍ରଦାନ କରିଥିଲେ। ଦିବ୍ୟଜୀବନ ସଂଘ ନିମାପଡ଼ା ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସାଂସଦ ପ୍ରତିନିଧି ମିନଲତା ମହାନ୍ତି, ଏନ୍‌ଏସି ଚେୟାରମ୍ୟାନ୍ ସସ୍ମିତା ସାହୁ ଅତିଥିଭାବେ ଯୋଗଦେଇଥିଲେ। ଶାଖା ସଭାପତି ରବୀନ୍ଦ୍ର ଖୁଣ୍ଟିଆ, ସମ୍ପାଦକ ନିରଞ୍ଜନ ସ୍ୱାଇଁ, କୋଷାଧ୍ୟକ୍ଷ ପବିତ୍ର ବରାଳ, ଗଗନ ସେନାପତି, ସତ୍ୟପ୍ରକାଶ ସ୍ୱାଇଁ, ତପନ ମିଶ୍ର, ଦିବାକର ରାଉତ, ହୃଷୀକେଶ ନାୟକ, ବିଜୟ ପାଢ଼ୀ, ଧର୍ମପଦ ଦାସ ପ୍ରମୁଖ ସହ ସଂଗଠନର ସମସ୍ତ ଭାଇ-ଭଉଣୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ପ୍ରାକ୍ତନ ଅଧ୍ୟାପକ ନିରୋଦ ବରଣ ଖୁଣ୍ଟିଆ ମଞ୍ଚ ସଂଯୋଜନା କରିଥିଲେ। ଶେଷରେ ଡ. ବନବିହାରୀ ମିଶ୍ରଙ୍କ ସହଯୋଗରେ ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଥିଲା।

## ଉପ କୋଷାଗାର କାର୍ଯ୍ୟାଳୟ ପାଇଁ ଜବରଦଖଲ ଉଚ୍ଛେଦ

ସାକ୍ଷୀଗୋପାଳ,୩୧।୧(ସମିସ): ସତ୍ୟବାଦୀ ତହସିଲ୍ ଅନ୍ତର୍ଗତ କୋର୍ଟଠାରେ ଥିବା ଉପନିବନ୍ଧକଙ୍କ କାର୍ଯ୍ୟାଳୟ ସାମ୍ନାରୁ ଜବରଦଖଲ ଉଚ୍ଛେଦ କରାଯାଇଛି। ସରକାରଙ୍କ ଅନୁମତି କ୍ରମେ ସତ୍ୟବାଦୀ ତହସିଲ୍‌ଦାର ସତ୍ୟବାଦୀ ଉପକୋଷାଗାର ନିର୍ମାଣ ନିମନ୍ତେ ୨୦୨୧ରୁ ୩୦ ଡେସିମିଲ ଜମି ପ୍ରଦାନ କରିଥିଲେ। ଏହି ଜମି ଉପରେ କିଛି ବ୍ୟକ୍ତି ଜବରଦଖଲରେ ରହିଥିଲେ। ଏମାନଙ୍କୁ ସତ୍ୟବାଦୀ ତହସିଲ୍‌ଦାର ଓ ସତ୍ୟବାଦୀ ଆର୍‌ଆଇ ବାରମ୍ବାର ନୋଟିସ୍ ଦେବା ସତ୍ତ୍ୱେ ସେମାନେ ରହି ଆସୁଥିଲେ। ପୁରୀ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ସତ୍ୟବାଦୀ ତହସିଲ୍‌ଦାର ସନ୍ତୋଷ କୁମାର ପାଣିଗ୍ରାହୀ,



ଅତିରିକ୍ତ ତହସିଲ୍‌ଦାର ଓମ୍ ପ୍ରକାଶ ପରିଡ଼ା, ସତ୍ୟବାଦୀ ଥାନା ଅଧିକାରୀ ସୌମ୍ୟରଞ୍ଜନ ମହାଲିକ, ଜିଲ୍ଲା ଅତିରିକ୍ତ କୋଷାଗାର ଅଧିକାରୀ ଜୀବନଜ୍ୟୋତି ସାମନ୍ତରାୟ, ସତ୍ୟବାଦୀ ଉପକୋଷାଗାର ଅଧିକାରୀ କୈଳାସ ମାଝୀ, ସତ୍ୟବାଦୀ ଗ୍ରାମ୍ୟ ନିର୍ମାଣ ବିଭାଗର ସହକାରୀ ଯନ୍ତ୍ରୀଙ୍କ ସହିତ ସତ୍ୟବାଦୀ ଆର୍‌ଆଇ ପ୍ରଶାନ୍ତ ମାଝୀ ଓ ଅନ୍ୟ ଅଧିକାରୀ ଘଟଣାସ୍ଥଳରେ ଉପସ୍ଥିତ ରହି ଜବରଦଖଲ ଉଚ୍ଛେଦ କରିଥିଲେ। ଉଚ୍ଛେଦ ପରେ ଜମି ଚିହ୍ନଟ କରାଯାଇ ତାରବାଡ଼ ଘେରାଯାଇଥିବା ଜଣାପଡ଼ିଛି। ଖୁବ୍‌ଶୀଘ୍ର ସତ୍ୟବାଦୀ ଉପକୋଷାଗାର ନିମାଣ କାର୍ଯ୍ୟ ଆରମ୍ଭ କରାଯିବ ବୋଲି ଗ୍ରାମ୍ୟ ନିର୍ମାଣ ବିଭାଗର ସହକାରୀ ଯନ୍ତ୍ରୀଙ୍କଠାରୁ ସୂଚନା ମିଳିଛି।

## ବାଲି ଗାଡ଼ି ସାଇଡ୍‌ମରାକୁ ନେଇ ଉତ୍ତେଜନା; ଜଣେ ଆହତ

ପିପିଲି,୩୧।୧(ସମିସ): ପିପିଲି ଜଳସେଚନ ବିଭାଗର ଉତ୍ତରା ସେକ୍ସନ ଅଧୀନସ୍ଥ ସାକ୍ଷୀଗୋପାଳ ଏବଂ କଣାସ ବ୍ରାଞ୍ଚ କେନାଲ ଉପ୍ତି ସ୍ଥାନରେ ଶନିବାର ସନ୍ଧ୍ୟାରେ ଏକ ବେଆଇନ ବାଲି ବୋଝେଇ ହାଇୱା ସାଇଡ୍‌ମରା ଘଟଣାକୁ ନେଇ ବାଇକ ଚାଳକ ଏବଂ ହାଇୱା ଡ୍ରାଇଭର ମଧ୍ୟରେ ଯୁକ୍ତିତର୍କରୁ ଉତ୍ତେଜନା ପ୍ରକାଶ ପାଇଥିଲା। ତେବେ ଏହି ସମୟରେ ବାଲିମାଫିଆ ଏବଂ ତାଙ୍କ ସହଯୋଗୀ ଏକ ଚାରିଚକିଆ ଯାନରେ ଆସୁଥିବାବେଳେ ଉତ୍ତେଜନା ସ୍ଥାନରେ ଅଟକି ବାଇକ୍ ଚାଳକ ଟୁକୁନା ଦାସଙ୍କୁ ଆକ୍ରମଣ କରିଥିଲେ। ଏଥିରେ ଟୁକୁନା ଗୁରୁତର ଆହତ ହୋଇ ଚିକିତ୍ସା ନିମନ୍ତେ କ୍ୟାପିଟାଲ ହସ୍ପିଟାଲକୁ ପଠାଯାଇଛି। ସୂଚନା ଥାଉକି, ଉକ୍ତ କେନାଲ ରାସ୍ତାରେ ଦୈନିକ ସନ୍ଧ୍ୟା ସମୟରୁ ଏକାଧିକ ହାଇୱା ଯୋଗେ ବେଆଇନ ବାଲି ଚାଲାଣ ହେଉଥିବାରୁ ଏବଂ ଗମନାଗମନ କ୍ଷେତ୍ରରେ ସମସ୍ୟା ଦେଖାଦେଇ ଥିବାରୁ ସ୍ଥାନୀୟ ବାସିନ୍ଦାମାନେ ଆଜକୁ ଦେଢ଼ମାସ ହେଲା ପିପିଲି ତହସିଲ୍‌ଦାର, ପୁରୀ ଜିଲ୍ଲା ଖଣି ଅଧିକାରୀ ତଥା ପ୍ରଶାସନିକ ଉଚ୍ଚପଦସ୍ଥ ଅଧିକାରୀମାନଙ୍କୁ ବାରମ୍ବାର ଜଣାଇ ଆସୁଥିଲେ ମଧ୍ୟ କେହି ଶୁଣୁ ନ ଥିବାର ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ପିପିଲି ଥାନା ଅଧିକାରୀ ସୌମେନ୍ଦୁ ଶେଖର ତ୍ରିପାଠୀଙ୍କୁ ପଚାରିବାରେ ଗାଡ଼ି ଅଟକାଇବାକୁ ନେଇ ଉତ୍ତେଜନା ଦେଖାଦେଇଥିବାର ଖବର ମିଳିଛି ବୋଲି କହିଥିଲେ।

## ଅଧ୍ୟକ୍ଷାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା




ଚାରିଛକ,୩୧।୧(ସମିସ): ନିମାପଡ଼ା ବ୍ଲକ୍ ଚାରିଛକସ୍ଥିତ ନିଗମାନନ୍ଦ ମହିଳା ମହାବିଦ୍ୟାଳୟ ପରିସରରେ ଅଧ୍ୟକ୍ଷା ପ୍ରଫେସର ମିତ୍ରା ମହାପାତ୍ରଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ପ୍ରାଧ୍ୟାପକ ଡ. ଅଶୋକ କୁମାର ବିଶ୍ୱାଳଙ୍କ ସଭାପତିତ୍ୱରେ ଆୟୋଜିତ ସମାରୋହରେ ମୁଖ୍ୟ ଅତିଥି ରୂପେ ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ଗୋପୀନାଥ କର, ମୁଖ୍ୟବକ୍ତା ରୂପେ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡ. ପ୍ରଭାତ ଚନ୍ଦ୍ର ମିଶ୍ର, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଭାରତୀୟ ରାଜସ୍ୱ ସେବା ଅଧିକାରୀ ଚନ୍ଦ୍ରକାନ୍ତ ଦଳାଇ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାଂସଦଙ୍କ ବ୍ଲକ୍ ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ଓଝା, ସମାଜସେବୀ ସନାତନ ପାତ୍ର, କୁଳମଣି ମେମୋରିଆଲ ଟ୍ରଷ୍ଟର ଅଧ୍ୟକ୍ଷ ଡ. କେଦାରନାଥ ସାହୁ, ଚାରିଛକ ପ୍ରେସ୍ କ୍ଲବ୍ ସଭାପତି ପ୍ରଫୁଲ୍ଲ କର ପ୍ରମୁଖ ଯୋଗଦେଇଥିଲେ। ଇଂରାଜୀ ବିଭାଗ ମୁଖ୍ୟ କାନନବାଳା ଅତିଥି ପରିଚୟ ପ୍ରଦାନ କରିଥିଲେ, ଶିକ୍ଷା ବିଭାଗ ମୁଖ୍ୟ ଡ. ଶ୍ରୀଲେଖା ନାୟକ ମାନପତ୍ର ପାଠ କରିଥିଲେ। ଅଧ୍ୟାପକ ଜୀବନ ଦାଶ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶେଷରେ ଓଡ଼ିଆ ବିଭାଗ ମୁଖ୍ୟ ଡ. ଶର୍ମିଷ୍ଠାରାଣୀ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ପ୍ରାଧ୍ୟାପକ ଡ. ଅଶୋକ କୁମାର ବିଶ୍ୱାଳ ନୂତନ ଅଧ୍ୟକ୍ଷ ରୂପେ ଦାୟିତ୍ୱ ଗ୍ରହଣ କରିଥିଲେ।

## ସପ୍ତମ ମାସିକ କ୍ଲଷ୍ଟର ସ୍ତରୀୟ ବୈଠକ



କୋଣାର୍କ,୩୧।୧(ସମିସ): ଶନିବାର ଗୋପ ବ୍ଲକ୍‌ର ଭୈରବ ନୋଡାଲ ୟୁପିଏସ୍ କ୍ଲଷ୍ଟର ଅନ୍ତର୍ଗତ ଖରାଗାଁ ପ୍ରାଥମିକ ବିଦ୍ୟାଳୟ ପରିସରରେ ସପ୍ତମ ମାସିକ କ୍ଲଷ୍ଟରସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ପଞ୍ଚମ ଓ ଅଷ୍ଟମ ଶ୍ରେଣୀ ପିଲାମାନଙ୍କ ବାର୍ଷିକ ପରୀକ୍ଷା, ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ, ଶିକ୍ଷଣରେ ବହୁ ଶ୍ରେଣୀ ପରିଚାଳନା ସମ୍ପର୍କିତ ପାଠ୍ୟଟୀକା ପ୍ରସ୍ତୁତି ଓ ଉପସ୍ଥାପନା ସମେତ ମୁଖ୍ୟତଃ ଶ୍ରେଣୀ ପର୍ଯ୍ୟବେକ୍ଷଣ ସାଧନା ପ୍ରସଂଗ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ସିଆର୍‌ସିସି ରବୀନ୍ଦ୍ରନାଥ ବାହିନୀପତିଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଶୈକ୍ଷିକ କାର୍ଯ୍ୟକ୍ରମରେ ଏବିଇଓ ସମ୍ରାଟ ଭଞ୍ଜ ଭୋଇ ଯୋଗଦେଇ ଉପାଦେୟ ପରାମର୍ଶ ଦେଇଥିଲେ। ଏଥିରେ କ୍ଲଷ୍ଟର ଅନ୍ତର୍ଗତ ୧୪ଟି ବିଦ୍ୟାଳୟର ପ୍ରଧାନଶିକ୍ଷକ, ଏଫ୍‌ଏଲ୍‌ଏନ୍ ଶିକ୍ଷକ ଓ ସହକାରୀ ଶିକ୍ଷକଶିକ୍ଷୟିତ୍ରୀ ଯୋଗଦେଇଥିଲେ। ପ୍ରଧାନଶିକ୍ଷୟିତ୍ରୀ ପ୍ରତିମା ସେଠୀ, ପ୍ରଧାନଶିକ୍ଷକ ଗଙ୍ଗାଧର ରାଉତ, କାଜଲବାଳା ପରିଡ଼ା, ଚିତ୍ତରଞ୍ଜନ ଦାଶ, ନିରଞ୍ଜନ ଦାସ, ବାନାମ୍ବର ବେହେରା, ସୁପ୍ରିୟା ନାୟକ, ସ୍ୱର୍ଣ୍ଣଲତା ବେହେରା ପ୍ରମୁଖ ସହଯୋଗ କରିଥିଲେ।

## ଅବସରକାଳୀନ ସମ୍ବର୍ଦ୍ଧନା ସଭା



କଣାସ,୩୧।୧(ସମିସ): ଚୁପୁରିଙ୍ଗ ପଞ୍ଚାୟତ କାଳିଘଡ଼ି ଗ୍ରାମରେ ପ୍ରତିଷ୍ଠିତ କାଳିଘଡ଼ି ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ପ୍ରସନ୍ନ ବଳିୟାରସିଂହଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ବିଦାୟୀ ଶିକ୍ଷକଙ୍କୁ ଏକ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇ ବିଦ୍ୟାଳୟ ପରିସରରେ ପ୍ରଧାନଶିକ୍ଷକ ବଭୂତି ବଳିୟାରସିଂହଙ୍କ ଅଧ୍ୟକ୍ଷତାରେ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥିଭାବେ ବ୍ଲକ୍ ସହ ଶିକ୍ଷା ଅଧିକାରୀ ନାରାୟଣ ପ୍ରଧାନ ଯୋଗଦେଇଥିବା ବେଳେ ସହ ଶିକ୍ଷାଧିକାରୀ ଗୋବର୍ଦ୍ଧନ ବେହେରା, ମାନସ ରଞ୍ଜନ ସାମନ୍ତରାୟ, ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘର ପୂର୍ବତନ ସଭାପତି ଅକ୍ଷୟ ରାୟସିଂହ, ଶିକ୍ଷକ ସଙ୍ଘର ବ୍ଲକ୍ ସଭାପତି ପ୍ରହଲ୍ଲାଦ ମାନସିଂହ, ସିଆର୍‌ସିସି ଜ୍ୟୋତିରଞ୍ଜନ ବେହେରା, ଆଦିକନ୍ଦ ଶ୍ରୀଚନ୍ଦନ, ରଶ୍ମିରଞ୍ଜନ ପଶ୍ଚିମକବାଟ, ଗ୍ରାମ୍ୟ କମିଟି ସଭାପତି ଗାଦି ମୋହନ ପାଇକରାୟ, ମଙ୍ଗୁଳି ପାଲଟାସିଂହ ପ୍ରମୁଖ ଯୋଗଦେଇ ତାଙ୍କର ଗୁଣଗାନ କରିଥିଲେ। ଶ୍ରୀ ବଳିୟାରସିଂଙ୍କୁ ମାନପତ୍ର, ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଧନ୍ୟବାଦ ଅର୍ପଣ କରିଥିଲେ ଅଜୟ ବଳିୟାରସିଂହ।

## ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ 'ଅରୋମା'



ପିପିଲି,୩୧।୧(ସମିସ): ଶନିବାର ପିପିଲି ବ୍ଲକ୍ ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଗୋବିନ୍ଦପୁରର ବାର୍ଷିକ ଉତ୍ସବ (ଅରୋମା ୨୦୨୫-୨୬) ଧୁମ୍‌ଧାମରେ ଅନୁଷ୍ଠିତ ହୋଇଛି। ଏହି ଅବସରରେ ବିଦ୍ୟାଳୟର ଅଧ୍ୟକ୍ଷ ବିଭୂତିଭୂଷଣ ମଣ୍ଡଳଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ସ୍ଥାନୀୟ ବିଧାୟକ ଆଶ୍ରିତ ପଟ୍ଟନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ ସମୃଦ୍ଧ ଭାରତ ଏବଂ ଓଡ଼ିଶା ଗଠନ କ୍ଷେତ୍ରରେ ଛାତ୍ରଛାତ୍ରୀଙ୍କ ସମୃଦ୍ଧି ନିମନ୍ତେ ଶିକ୍ଷକ ଏବଂ ଅଭିଭାବକମାନେ ଧ୍ୟାନ ଦେବା ଆବଶ୍ୟକ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ୍ ସନ୍ତୋଷ ମହାନ୍ତି ମୁଖ୍ୟବକ୍ତା, ସତ୍ୟବାଦୀ ଆଦର୍ଶ ବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ବିଶ୍ୱନାଥ ପାଢ଼ୀ, ଗୋବିନ୍ଦପୁର ହାଇସ୍କୁଲ ପ୍ରଧାନଶିକ୍ଷକ ସତ୍ୟବ୍ରତ ଜେନା ଏବଂ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଓ ଉକ୍ତ ବିଦ୍ୟାଳୟର ପରିଚାଳନା କମିଟି ସଦସ୍ୟ ସଚ୍ଚିଦାନନ୍ଦ ନାୟକ ସମ୍ମାନିତ ଅତିଥିଭାବେ ଯୋଗଦେଇ ଆଦର୍ଶ ବିଦ୍ୟାଳୟର ସଫଳ ପ୍ରୟାସ ଓ ଆଭିମୁଖ୍ୟ ମେଧାବୀ ଛାତ୍ରଛାତ୍ରୀ ଗଠନରେ ସହାୟକ ହେବ ବୋଲି କହିଥିଲେ। ଅଧ୍ୟକ୍ଷ ଶ୍ରୀଯୁକ୍ତ ମଣ୍ଡଳ ବିବରଣୀ ପାଠ କରିଥିଲେ। ସଭା ମଞ୍ଚରେ କ୍ରୀଡ଼ା ଏବଂ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ସଭା କାର୍ଯ୍ୟ ପରେ ପିଲାଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ଅବସର ଦିବସରେ ଫାଇନାଲ୍ ପେନ୍‌ସନ୍

ଗୋପ,୩୧।୧(ସମିସ): ଶନିବାର ଗୋପ ମଣ୍ଡଳ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟର ଏବିଇଓ ତଥା ବିଆର୍‌ସିସି ବିନୋଦିନୀ ମହାପାତ୍ର, ଗିରିମା ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଶୋକ ମୁଦୁଲି ଓ ବେରୁହଁ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ପ୍ରତିମା ମଞ୍ଜରୀ ମହାନ୍ତି ସରକାରୀ ବୃତ୍ତିରୁ ଅବସର ନେଇଛନ୍ତି। ମଣ୍ଡଳ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ବିଇଓ ଅମିତା ସେନାପତି, ଅବସରପ୍ରାପ୍ତ ଏବିଇଓ ଏବଂ ଦୁଇ ପ୍ରଧାନଶିକ୍ଷକଙ୍କୁ ଫାଇନାଲ୍ ପେନ୍‌ସନ୍ ପ୍ରଦାନ କରିଛନ୍ତି। ଗୋପ ମଣ୍ଡଳ



ଶିକ୍ଷା କାର୍ଯ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଗୋପ ବିଇଓ ଶ୍ରୀମତୀ ସେନାପତିଙ୍କ ସମେତ ଏବିଇଓ ସମ୍ରାଟ ଭଞ୍ଜ ଭୋଇ, ଏବିଇଓ ଦେବେନ୍ଦ୍ର କୁମାର କାଣ୍ଡି ଓ ଅଫିସ୍ ସୁପରିଣ୍ଟେଣ୍ଡେଣ୍ଟ ଚନ୍ଦ୍ରଶେଖର ପାତ୍ର ପ୍ରମୁଖ ଉପସ୍ଥିତ ରହି ଅବସରପ୍ରାପ୍ତ ଏବିଇଓ ଶ୍ରୀମତୀ ମହାପାତ୍ର ଏବଂ ଦୁଇ ଅବସରପ୍ରାପ୍ତ ପ୍ରଧାନଶିକ୍ଷକଙ୍କୁ ସମ୍ବର୍ଦ୍ଧନା ଦେଇଥିଲେ। ଏହି ଅବସରରେ ଗୋପ ବ୍ଲକ୍ ଶିକ୍ଷକ ସମନ୍ୱୟ ସମିତି ପକ୍ଷରୁ ଶିକ୍ଷକ ନେତା ଅଜୟ କୁମାର ରଥ, ଶିବଦତ୍ତ ନାୟକ, ସରୋଜ ମିଶ୍ର, ଦିବାକର ପରିଡ଼ା, ପବିତ୍ର ନାୟକ, ସନ୍ତୋଷ ବିଶ୍ୱାଳ, ନିରଞ୍ଜନ ସ୍ୱାଇଁ, ସୁରଜିତ୍ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଶନିଦେବଙ୍କ ବାର୍ଷିକ ଉତ୍ସବ



କୃଷ୍ଣପ୍ରସାଦ,୩୧।୧(ସମିସ): ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ୍ ଅନ୍ତର୍ଗତ ବଜ୍ରକୋଟ ପଞ୍ଚାୟତ ରସଦିଗାଁରେ ଥିବା ଆରାଧ୍ୟ ଦେବ ଶ୍ରୀଶ୍ରୀ ଶନିଦେବଙ୍କ ପୀଠରେ ୫୨ତମ ବାର୍ଷିକ ଉତ୍ସବ ମହାଆଡ଼ମ୍ବର ସହକାରେ ପାଳିତ ହୋଇଯାଇଛି। ଶନିବାର ପ୍ରାତଃ ସମୟରୁ ଠାକୁରଙ୍କୁ ସୁସଜ୍ଜିତ ବିମାନରେ ବିରାଜମାନ କରାଯାଇ ଗ୍ରାମ ପରିକ୍ରମା ସହିତ ଭୋଗଖିଆ କାର୍ଯ୍ୟ ସମ୍ପନ୍ନ କରାଯାଇଥିଲା। ପରିକ୍ରମା ସମୟରେ ନାମ ସଂକୀର୍ତ୍ତନ, ବିଜେ ସାମରିକ ପାଇକ ଆଖଡ଼ା ଖେଳ ସହ ହୁଳହୁଳି ହରିବୋଲ ଧ୍ୱନୀରେ ଗାଁ ଦାଣ୍ଡ ପ୍ରକମ୍ପିତ ହୋଇ ଉଠିଥିଲା। ଗ୍ରାମ୍ୟ କମିଟି ସଭାପତି ଗୁରୁଚରଣ ବିଶ୍ୱାଳ, ସମ୍ପାଦକ ଦୈତାରୀ ବିଶ୍ୱାଳ କାର୍ଯ୍ୟକ୍ରମ ପରିଚାଳନା କରୁଥିବାବେଳେ ଗ୍ରାମର ଶୃଙ୍ଖଳା କମିଟି ଓ ଶ୍ରୀଶନିଶ୍ଚର ଟେମ୍ପୁଲ ଟ୍ରଷ୍ଟ ସଭାପତି ବୁଲାମଣୀ ତରେଇ, ସମ୍ପାଦକ ବୁଲୁ ବିଶ୍ୱାଳ, ଉପସଭାପତି ଶେଷଦେବ ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟ ସମାପନ ହୋଇଥିଲା। ବିଦେଶୀ ବିଶ୍ୱାଳ, ବାବୁର ବିଶ୍ୱାଳ, କେଳୁଚରଣ ବିଶ୍ୱାଳ, କୁଞ୍ଜବିହାରୀ ବିଶ୍ୱାଳ, ଟୁଲୁ ତରେଇ, ପ୍ରାଣନାଥ ବଳିୟାରସିଂ, ଅଜୟ ବିଶ୍ୱାଳ, ଅମିନ ବିଶ୍ୱାଳ, ହେମନ୍ତ ବିଶ୍ୱାଳ, ମିଥୁନ ବିଶ୍ୱାଳ, ପବିତ୍ର ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ।

## ଶାରଳା କପ୍ କ୍ରିକେଟ: ଢେଙ୍କାନାଳ ବିଜୟୀ



ଅସ୍ତରଙ୍ଗ,୩୧।୧(ସମିସ): ଅସ୍ତରଙ୍ଗ ମା' ଶାରଳା ସ୍ପୋର୍ଟିଂ କ୍ଲବ୍ ପକ୍ଷରୁ ନରେନ୍ଦ୍ର ଷ୍ଟାଡିୟମ୍‌ରେ ଶନିବାର ଖେଳାଯାଇଥିବା ଦ୍ୱିତୀୟ ସେମି ଫାଇନାଲ ମ୍ୟାଚ୍‌ରେ ଢେଙ୍କାନାଳ କ୍ରିକେଟ କ୍ଲବ୍ ଏବଂ ରୋଭର୍ସ କଟକ ସାମ୍ନାସାମ୍ନି ହୋଇଥିଲେ। ଟସ୍ ଜିତି ଢେଙ୍କାନାଳ ପ୍ରଥମେ ବ୍ୟାଟିଂ କରି ସୂର୍ଯ୍ୟକାନ୍ତ ପ୍ରଧାନଙ୍କ ୫୭ ରନ୍ ବଳରେ ନିର୍ଦ୍ଧାରିତ ୨୦ ଓଭରରେ ସମସ୍ତ ୱିକେଟ ହରାଇ ୧୫୮ ରନ୍ ସଂଗ୍ରହ କରିଥିଲା। ଜବାବରେ ରୋଭର୍ସ କଟକ ୧୬.୨ ଓଭରରେ ସମସ୍ତ ୱିକେଟ ହରାଇ ମାତ୍ର ୯୨ ରନ୍ କରି ପରାସ୍ତ ହୋଇଥିଲା। ସୂର୍ଯ୍ୟକାନ୍ତ ପ୍ରଧାନ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଏହି ମ୍ୟାଚ୍‌କୁ ଡ୍ୟାନ୍ସି ଅମ୍ପାୟାର ବବୁଲ ଏବଂ ଦିବ୍ୟଦର୍ଶୀ ଛାଟୋଇ ପରିଚାଳନା କରିଥିଲେ। ରାକେଶ ମହାନ୍ତି, ଦ୍ରୁପଦ ଭୋଳ ଭାଷ୍ୟକାର କାର୍ଯ୍ୟ ତୁଲାଇଥିବା ବେଳେ ମିଥୁନ ବେହେରା, ଶୁଭମ୍ ବେହେରା, ବୃନ୍ଦାବନ ବିଶ୍ୱାଳ, ଅନିଲ ବାରିକ, ଅଲେଖ ବିଶ୍ୱାଳ, ଲିଙ୍ଗରାଜ ସାହୁ, ସୁକାନ୍ତ ସାହୁ, ଅଜିତ୍ ବିଶ୍ୱାଳ, ପ୍ରକାଶ ନାୟକଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯାଇଥିଲା।

## କଳାବଜାରରେ ମିଳୁଛି ଗୁଟ୍‌ଖା; ସିଗାରେଟ୍ ଦର ଦୁଇ ଗୁଣା

ବ୍ରହ୍ମଗିରି,୩୧।୧(ସମିସ)

କିଛି ଦିନ ହେବ ରାଜ୍ୟ ସରକାରଙ୍କ ତରଫରୁ ଗୁଟ୍‌ଖା, ସିଗାରେଟ୍ ବିକ୍ରିକୁ ବ୍ୟାନ୍ କରାଯାଇଥିଲା। ଗୁଟ୍‌ଖା, ସିଗାରେଟ୍ ଯେଉଁମାନେ ବିକ୍ରୟ କରିବେ ଧରାପଡ଼ିଲେ ମୋଟା ଅଙ୍କର ଦଣ୍ଡ ଗଣିବେ। ହେଲେ ସେମାନଙ୍କୁ ଧରିବ କିଏ। ଡବଲ ଇଞ୍ଜିନ୍ ସରକାର ଖାଲି ଘୋଷଣାରେ ସୀମିତ ହେଲେ କାର୍ଯ୍ୟାନୁଷ୍ଠାନ ଘର ଶୂନ୍। ନା ଚାଲିଛି ଧପଗଡ଼ ନା ଚାଲିଛି ଛଡ଼ଉ। ଫଳରେ ଗୁଟ୍‌ଖା ଓ ସିଗାରେଟ୍ ଏବେ ବଜାରରେ ଖୁଲମଖୁଲା କଳାବଜାରୀ ହେଉଛି। କିଛି କିଛି ଜାଗାରେ ଧରପଗଡ଼ ଭୟରେ ଛୋଟ ଦୋକାନୀମାନେ ଲୁଚିଛପି ଗୁଟ୍‌ଖା,



ସିଗାରେଟ୍ ବିକ୍ରି କରୁଥିବା ଦେଖିବାକୁ ମିଳିଛି। କିନ୍ତୁ ବ୍ରହ୍ମଗିରି ବଜାରରେ ଅନେକ ଦୋକାନରେ ଖୁଲମଖୁଲା ଗୁଟ୍‌ଖା ଏବଂ ସିଗାରେଟ୍ ଚଡ଼ା ଦରରେ ବିକ୍ରି ହେଉଛି। ସେ ପୁଣି ଧାର୍ଯ୍ୟ ମୂଲ୍ୟଠାରୁ ଦୁଇଗୁଣା ଅଧିକ ଦରରେ। ଅସାଧୁ ବ୍ୟବସାୟୀମାନେ ଲୋକ ଦେଖାଣିଆ ଭାବେ ଗୋଦାମରେ ଗୁଟ୍‌ଖା ନ ଥିବା ଦର୍ଶାଇ ଅନ୍ୟ ସ୍ଥାନରେ ଲୁଚାଇ ଚଡ଼ା ଦରରେ ବିକ୍ରି କରୁଛନ୍ତି। ୫ ଟଙ୍କାରେ ମିଳୁଥିବା ଗୁଟ୍‌ଖା ଏବେ ୧୦ ଟଙ୍କାରେ ବିକ୍ରି ହେଉଛି। ସିଗାରେଟ ଗୋଟାକୁ ୧୨ ଟଙ୍କାରେ ବିକ୍ରି ହେଉଛି। ସରକାର ଯଦି ଗୁଟ୍‌ଖା ବନ୍ଦ କରିଛନ୍ତି, ତେବେ ବଜାରକୁ ଗୁଟ୍‌ଖା, ସିଗାରେଟ୍, ଖଇନି ଆସୁଛି କେଉଁଠୁ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଛୋଟ ବ୍ୟବସାୟୀଙ୍କ ପେଟକୁ ଲାତ ମାରି ମାଫିଆଙ୍କ ପକେଟ ଗରମ ହେଉଥିବା ସର୍ବସାଧାରଣରେ ଚର୍ଚ୍ଚା ହେଉଛି। ମାଫିଆମାନେ ଅସତ୍ ଉପାୟରେ ଏହି ବ୍ୟବସାୟ ଜାରି ରଖୁଛନ୍ତି। ସରକାରଙ୍କ ଏହି ପଦକ୍ଷେପକୁ ବୁଦ୍ଧିଜୀବୀ ନାପସନ୍ଦ କରାଯାଇଥିବା ବେଳେ ଧରପଗଡ଼ ଜୋର୍‌ଦାର୍ କରିବାକୁ ଦାବି ହେଉଛି। ବ୍ରହ୍ମଗିରିରେ ନକଲି ଗୁଟ୍‌ଖା, ଖଇନି କାରବାର ମଧ୍ୟ ଜାରି ରହିଛି। ଖାଦ୍ୟ ସୁରକ୍ଷା ଅଧିକାରୀ ଏବଂ ପୁଲିସ ପ୍ରଶାସନ ମିଳିତ ଭାବରେ ପ୍ରତ୍ୟେକ ଦୋକାନରେ ଚଢ଼ଉ କରିବାକୁ ଦାବି ହେଉଛି।

# ଶ୍ରୀକ୍ଷେତ୍ର ସିଟି

୩୧/୧/୨୦୨୬ (ଶନିବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୫,୨୭,୮୮୩/- ସୁନା:୦୧.୯୦୦ ଗ୍ରାମ୍ ରୁପା: ୩୮.୦୦୦ ଗ୍ରାମ୍





## ନିମ୍ନମାନର ରାସ୍ତା କାମକୁ ବିରୋଧ କଲେ ପୂର୍ବତନ ବିଧାୟକ

ପିପିଲି,୩୧।୧(ସମିସ): ପିପିଲି ବ୍ଲକ୍‌ର ଦାଣ୍ଡମୁକୁନ୍ଦପୁରଠାରୁ ବନ୍ତଲସିଂ ପର୍ଯ୍ୟନ୍ତ ୧୨୦୦ ମିଟର ରାସ୍ତା ପିଚୁ କାର୍ଯ୍ୟ ପାଇଁ ଟେଣ୍ଡର କରାଯାଇଥିଲା। ଏହାର ଅଟକଳ ମୂଲ୍ୟ ୧୭ ଲକ୍ଷ ଟଙ୍କା। ଏହି ରାସ୍ତାର କାର୍ଯ୍ୟ ନିମନ୍ତେ ସୂଚନାଫଳକ ଲଗା ନ ଯାଇ ସ୍ଥାନୀୟ ବାସିନ୍ଦାଙ୍କୁ



ଅନ୍ଧାରରେ ରଖାଯାଇ କାର୍ଯ୍ୟ କରାଯାଉଥିଲା। ତେବେ ପିପିଲିର ପୂର୍ବତନ ବିଧାୟକ ରୁଦ୍ରପ୍ରତାପ ମହାରଥୀ ଏବଂ ଜିଲ୍ଲା ପରିଷଦ ସଭ୍ୟ ଧରଣୀଧର ସାହୁ ସେହି ବାଟରେ ଯିବା ସମୟରେ କାର୍ଯ୍ୟ କରାଯାଉଥିବା ସ୍ଥାନରେ ଠିକାଦାର କି ଯନ୍ତ୍ରୀ କେହି ଉପସ୍ଥିତ ନ ଥିବାର ଦେଖି ଗାଡ଼ିରୁ ଓହ୍ଲାଇ କାର୍ଯ୍ୟ ପରଖିଥିଲେ। ଏଥିରେ ନିମ୍ନମାନର କାର୍ଯ୍ୟ ହେଉଥିବାର ଦେଖି ଜେଇଙ୍କୁ ଫୋନ୍ କରିଥିଲେ ଏବଂ ଜାଣିବାକୁ ପାଇଥିଲେ ଅଢ଼େଇ ଇଞ୍ଚ ଚିପ୍ସ ଦିଆଯାଇ ତା' ଉପରେ ବଜୁରୀ ପିଚୁ ଦିଆଯିବା କଥା। ମାତ୍ର ୧ ଇଞ୍ଚ ଚିପ୍ସ ଦିଆଯାଇ ରୋଲର ଚାଲୁଛି। ଏହା ଦେଖି ଶ୍ରୀ ମହାରଥୀ ବିରକ୍ତି ପ୍ରକାଶ କରିବା ସହିତ କାର୍ଯ୍ୟ ଚାଲୁଥିବାବେଳେ କନିଷ୍ଠ ଯନ୍ତ୍ରୀଙ୍କର ଅନୁପସ୍ଥିତି ନେଇ ସମ୍ପୃକ୍ତ ଜେଇଙ୍କ ଉପରେ ବିରକ୍ତ ହୋଇଥିଲେ। କାର୍ଯ୍ୟ ଆରମ୍ଭରୁ ପୁନର୍ବାର ଆଉ ଦେଢ଼ ଇଞ୍ଚି ଚିପ୍ସ ଦେଇ ରୋଲିଙ୍ଗ୍ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ନଚେତ୍ ଠିକାଦାର ବିଲ୍ ବନ୍ଦ କରିବାକୁ ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ଜଣାଇବାକୁ କହିଥିଲେ।

### ଆସୁଛନ୍ତି ରାଷ୍ଟ୍ରପତି

# ସୁରକ୍ଷା ଦାୟିତ୍ୱରେ ୩୦ ପ୍ଲାଟୁନ ଫୋର୍ସ

ପୁରୀ,୩୧।୧(ସମିସ): ପୁରୀ ଆସୁଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ଏହି ଗସ୍ତ ଅବସରରେ ରାଷ୍ଟ୍ରପତି ପିତୃପୁରୁଷଙ୍କୁ ପିଣ୍ଡଦାନ ଦେବା ସହ ମହାପ୍ରଭୁଙ୍କୁ ଦର୍ଶନ କରିବେ। ରାଷ୍ଟ୍ରପତିଙ୍କ ଗସ୍ତକୁ ନେଇ ପୁରୀ ପୁଲିସ ପକ୍ଷରୁ ପ୍ରସ୍ତୁତି ଚାଲିଛି। ବିଶେଷକରି ସୁରକ୍ଷା ବ୍ୟବସ୍ଥାରେ ଯେପରି କୌଣସି ତ୍ରୁଟି ନ ହୁଏ ତାହାକୁ ଗୁରୁତ୍ୱ ଦିଆଯାଉଛି। ବ୍ଲୁ ବୁକ୍ ସୁରକ୍ଷା ବ୍ୟବସ୍ଥା ସହ ମୁତୟନ ହେବେ ୩୦ ପ୍ଲାଟୁନ୍ ଫୋର୍ସ। ଏଥିସହ ବିଭିନ୍ନ ଜାଗାରେ ୬ ଜଣ କମାଣ୍ଡାଣ୍ଟ ରାଙ୍କର ଅଫିସର୍ ନିୟୋଜିତ ହେବେ। ରାଷ୍ଟ୍ରପତିଙ୍କ ଗସ୍ତକୁ ଶୃଙ୍ଖଳିତ କରିବାକୁ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯାଇଥିବା ସୂଚନା ଦେଇଛନ୍ତି ଏସ୍‌ପି ପ୍ରତୀକ୍ ସିଂ।

ସୂଚନା ଅନୁସାରେ, ଆସନ୍ତା ୩ ତାରିଖରେ ତାଳବଣିଆ ହେଲିପ୍ୟାଡ୍‌ରେ ରାଷ୍ଟ୍ରପତି ପହଞ୍ଚିବା ପରେ ସେଠାରୁ ସିଧାସଳଖ ଲୋକ ଭବନ ଯିବେ। ସେଠାରେ ରାତ୍ରୀଯାପନ କରିବେ। ୪ ତାରିଖ ସକାଳେ ପଞ୍ଚତୀର୍ଥ ପୁଷ୍କରିଣୀ ଶ୍ୱେତଗଙ୍ଗାରେ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ପିଣ୍ଡଦାନ କରିବା ପରେ ୭ଟା ୪୦ରେ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି। ତେବେ ରାଷ୍ଟ୍ରପତିଙ୍କ ଗସ୍ତ ପାଇଁ ତାଳବଣିଆ ହେଲିପ୍ୟାଡ୍‌ଠାରୁ ଆରମ୍ଭ କରି ଲୋକ ଭବନ, ଶ୍ୱେତଗଙ୍ଗା ପୁଷ୍କରିଣୀ, ଶ୍ରୀମନ୍ଦିର ଭିତରେ ଏବଂ ବାହାରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯିବା ସହ ଟ୍ରାଫିକ୍ ଉପରେ ମଧ୍ୟ କଟକଣା ରହିବ। ଶନିବାର



ଏସ୍‌ପି ପ୍ରତୀକ୍ ସିଂଙ୍କ ନେତୃତ୍ୱରେ ବରିଷ୍ଠ ପୁଲିସ ଅଧିକାରୀମାନେ ରେଳ ଷ୍ଟେସନ ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଯାଞ୍ଚ କରିବା ସହ ସମୀକ୍ଷା କରିଛନ୍ତି। ସେହିପରି ଶ୍ୱେତଗଙ୍ଗା ପୁଷ୍କରିଣୀ ସଂଲଗ୍ନରେ ଗଢ଼ି ଉଠିଥିବା ବିଭିନ୍ନ ହୋମ୍ ଷ୍ଟେ'ଗୁଡ଼ିକରେ ୩ ଏବଂ ୪ ତାରିଖରେ କୌଣସି ପର୍ଯ୍ୟଟକ ଯେଭଳି ନ ରହିବେ ସେ ନେଇ ପର୍ଯ୍ୟଟନ ବିଭାଗ ସହ ଆଲୋଚନା କରାଯାଉଛି ବୋଲି ଏସ୍‌ପି କହିଛନ୍ତି। ଅନ୍ୟପଟେ ଶ୍ୱେତଗଙ୍ଗା ପୁଷ୍କରିଣୀ ଚାରିପଟ

### ମହାପ୍ରସାଦ ସେବନ କରିବେ ରାଷ୍ଟ୍ରପତି

ସ୍ଥିତିକୁ ଏସ୍‌ପିଙ୍କ ସମେତ ବରିଷ୍ଠ ପୁଲିସ ଅଧିକାରୀ ଅନୁଧ୍ୟାନ କରିଛନ୍ତି। ଶ୍ରୀମନ୍ଦିରର ବରିଷ୍ଠ ସେବାୟତ ମଧୁସୂଦନ ସିଂହାରୀ କହିଛନ୍ତି, ରାଷ୍ଟ୍ରପତି ଯେପରି ଶୃଙ୍ଖଳିତ ଭାବେ ମହାପ୍ରଭୁଙ୍କ ଦର୍ଶନ କରିବେ ସେ ନେଇ ସେବାୟତମାନେ ପ୍ରସ୍ତୁତ ରହିଛନ୍ତି। ରାଷ୍ଟ୍ରପତି ୩ ତାରିଖ ରାତିରେ ଲୋକ ଭବନରେ ରହଣି ସମୟରେ ମହାପ୍ରସାଦ ସେବନ କରିବେ।

### ଉତ୍କଳ ପ୍ରାଦେଶିକ ଭକ୍ତ ସମ୍ମିଳନୀ ଉଦ୍‌ଘାଟିତ

## ନିଗମାନନ୍ଦ ସରସ୍ୱତୀ ହେଉଛନ୍ତି କଳ୍ପତରୁ




ପୁରୀ,୩୧।୧(ସମିସ): ଯେତେବେଳେ ସମାଜ ବିଭିନ୍ନ ବାଦରେ ଛନ୍ଦି ହୋଇ ରହିଥିଲା ସେହି ସମୟରେ ଠାକୁର ଶ୍ରୀମଦ୍ ସ୍ୱାମୀ ନିଗମାନନ୍ଦ ସରସ୍ୱତୀ ଦେବ ଆସି ମଣିଷକୁ ସହଜ, ସରଳ ସାଧନାର ଉପାୟ ବତାଇଥିଲେ। ଗୁରୁଙ୍କୁ ଚିହ୍ନିପାରିଲେ ଶିଷ୍ୟର କଲ୍ୟାଣ ହୋଇଥାଏ। କଳ୍ପତରୁକୁ ଯେପରି ଯେଉଁ ଫଳ ମାଗିଲେ ସେ ପ୍ରଦାନ କରିଥା'ନ୍ତି, ଠାକୁର ନିଗମାନନ୍ଦ ହେଉଛନ୍ତି ସେହିପରି କଳ୍ପତରୁ। କାରଣ ତାଙ୍କ ପାଖରୁ ଭକ୍ତମାନେ ଜ୍ଞାନ, ଯୋଗ, ଭକ୍ତି, ପ୍ରେମ ସବୁକିଛି ପାଇପାରିବେ। ପ୍ରତ୍ୟେକ ଗୁରୁ ଗୋଟିଏ ଗୋଟିଏ ତତ୍ତ୍ୱରେ ସିଦ୍ଧିଲାଭ କରିଥିବାବେଳେ ଠାକୁର ନିଗମାନନ୍ଦ ସବୁଥିରେ ସିଦ୍ଧିଲାଭ କରିଛନ୍ତି। ସେଭଳି ଗୁରୁଙ୍କୁ ପାଇ ଆମେ ଧନ୍ୟ ବୋଲି ଶ୍ରୀଶ୍ରୀ ଠାକୁର ଶ୍ରୀମଦ୍ ସ୍ୱାମୀ ନିଗମାନନ୍ଦ ସରସ୍ୱତୀ ଦେବଙ୍କ ଉତ୍କଳ ପ୍ରାଦେଶିକ ଭକ୍ତ ସମ୍ମିଳନୀର ୭୫ତମ ଅଧିବେଶନରେ ଅତିଥିମାନେ ଏହା କହିଛନ୍ତି। ତାଳବଣିଆଠାରେ ଶନିବାର ସମ୍ମିଳନୀର ଉଦ୍‌ଘାଟନୀରେ ହିନ୍ଦୁ ଧର୍ମ ଆଚାର୍ଯ୍ୟ ସଭା ସାଧାରଣ ସମ୍ପାଦକ ପରମାତ୍ମାନନ୍ଦଜୀ ମହାରାଜ ସ୍ୱାମୀ ନିଗମାନନ୍ଦଙ୍କ ଜୀବନାଦର୍ଶ ଆମ ସମସ୍ତଙ୍କର ପାଥେୟ ହେବା ଉଚିତ୍ ବୋଲି କହିଥିଲେ। ନୀଳାଚଳ ସାରସ୍ୱତ ସଂଘ ସଭାପତି ସନ୍ତୋଷ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ, ସ୍ୱାମୀ ଶ୍ରଦ୍ଧାନନ୍ଦଜୀ ମହାରାଜ ଆଶୀର୍ବଚନ ପ୍ରଦାନ କରିଥିଲେ। ସ୍ୱାମୀ ନିଗମାନନ୍ଦ ଉତ୍ତମ ପରିବାର ଗଠନ ସହ ଭଲ ସମାଜସେବୀ ହେବା ପାଇଁ ଦେଇଥିବା ମାର୍ଗଦର୍ଶନ ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ମିଳନୀର ପ୍ରଥମ ଦିବସରେ ସ୍ତୋତ୍ର ବନ୍ଦନା, ଷୋଡ଼ଶ ଉପଚାର ପୂଜା, ମଙ୍ଗଳ ଆଳତି, ଗୁରୁ ବନ୍ଦନା, ପରିଚୟପତ୍ର ପାଠ, ସମବେତ ପ୍ରାର୍ଥନା, ଭକ୍ତି ସଂଗୀତ ପରିବେଷଣ କରାଯାଇଥିଲା। ପ୍ରକାଶିତ ପୁସ୍ତକ 'ଶ୍ରୀପାଦରେ ସମର୍ପଣ' ପୁସ୍ତକ ଉନ୍ମୋଚନ ହୋଇଥିଲା। ଜୟଗୁରୁ କୀର୍ତ୍ତନ ପରିବେଷଣ ହୋଇଥିଲା। ମଧ୍ୟାହ୍ନ ଅଧିବେଶନ ପରେ ଭାବବିନିମୟ କାର୍ଯ୍ୟକ୍ରମ ହୋଇଥିଲା। ସଂଘ ସେବୀମାନେ ଠାକୁରଙ୍କ ମହିମା କିଭଳି ତାଙ୍କ ଜୀବନକୁ ପରିପୁଷ୍ଟ କରିଛି ସେ ସମ୍ପର୍କରେ କହିଥିଲେ। ସନ୍ଧ୍ୟା ଆଳତି ପରେ ଆନନ୍ଦ ସଭା ଅନୁଷ୍ଠିତ ହୋଇଥିଲା। ଏହି ତ୍ରିଦିବସୀୟ ସମ୍ମିଳନୀ ସୋମବାର ଉଦ୍‌ଯାପିତ ହେବ।

## ୧୨ରେ ପୁରୀରେ 'ଆଇପିଏସ୍'ର ଜାତୀୟ ସମ୍ମିଳନୀ

ପୁରୀ,୩୧।୧(ସମିସ): ଭୁବନେଶ୍ୱରସ୍ଥିତ ଇଣ୍ଡିଆନ୍ ପ୍ରୋକ୍ଟୋଲଜି ସୋସାଇଟି (ଆଇପିଏସ୍) ପକ୍ଷରୁ ଆସନ୍ତା ୧୨ ତାରିଖରେ ପୁରୀସ୍ଥିତ ଗୋପବନ୍ଧୁ ଆୟୁର୍ବେଦ କଲେଜ ଆନୁକୂଲ୍ୟରେ 'ଆଡ୍‌ଭାନ୍ସ ରିସର୍ଚ୍ଚ ଇନ୍ ମେଡିସିନ୍ ଟେକ୍‌ନୋଲଜି' ବିଷୟରେ ଜାତୀୟ ସମ୍ମିଳନୀ ଆୟୋଜିତ ହେବାକୁ ଯାଉଛି। ଅଧ୍ୟକ୍ଷ ପ୍ରଫେସର ବିପିନ ବିହାରୀ ଖୁଣ୍ଟିଆଙ୍କ ସଭାପତିତ୍ୱରେ ଆୟୋଜିତ ହେବାକୁ ଥିବା ଏହି ଜାତୀୟ ସମ୍ମିଳନୀରେ ଭାରତ ଓ ଓଡ଼ିଶାର ଏଲୋପାଥି, ଆୟୁର୍ବେଦ, ଦନ୍ତ, ଫାର୍ମାସୀ, ହୋମିଓପାଥି, ଯୋଗ, ଫିଜିଓଥେରାପି ବିଭାଗର ଛାତ୍ରଛାତ୍ରୀ ଶିକ୍ଷକ, ଚିକିତ୍ସକ, ଅଭିଜ୍ଞ ବରିଷ୍ଠ ବକ୍ତାମାନେ ଯୋଗ ଦେଇ ବିସ୍ତୃତ ଆଲୋଚନା କରିବେ। ବିଶେଷକରି ଓଡ଼ିଶାର ସ୍ୱାସ୍ଥ୍ୟ ସମ୍ପର୍କିତ ପ୍ରସଙ୍ଗରେ ଆଲୋଚନା ହେବ। ସମ୍ମିଳନୀରେ ମୁଖ୍ୟ ଅତିଥି ରୂପେ ବିହାର କେନ୍ଦ୍ରୀୟ କୃଷି ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର ପ୍ରଫୁଲ୍ଲ କୁମାର ମିଶ୍ର ଏବଂ ମୁଖ୍ୟବକ୍ତା ରୂପେ ବରିଷ୍ଠ ପ୍ରୋକ୍ଟୋଲଜିଷ୍ଟ ଗବେଷକ ପ୍ରଫେସର ଏମିରେଟ୍‌ସ ଡା. ଚତୁର୍ଭୁଜ ଭୂୟାଁ ଯୋଗଦେବାକୁ ଥିବା ବେଳେ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟର ନିର୍ଦ୍ଦେଶକ ଗବେଷକ ପ୍ରଫେସର ପ୍ରଦୀପ କୁମାର ପଣ୍ଡାଙ୍କ ସମେତ ବିଶେଷଜ୍ଞ ଡାକ୍ତର ଦୀନକୃଷ୍ଣ ଦାସ, ଡାକ୍ତର ଶାନ୍ତନୁ ଦାସ, ଇମାମି କମ୍ପାନୀର କୋଲକାତା ମୁଖ୍ୟ ଡାକ୍ତର ଅକ୍ଷୟ କୁମାର ଖିଲାର ପ୍ରମୁଖ ବକ୍ତବ୍ୟ ରଖିବେ। ଏହି ଜାତୀୟ ସମ୍ମିଳନୀରେ ଯୋଗ ଦେବା ନିମନ୍ତେ ଆଗ୍ରହୀମାନେ ୯୫୫୬୭୫୨୨୧୨ରେ ସମ୍ପର୍କ କରି ଆସନ୍ତା ୭ ତାରିଖ ସୁଦ୍ଧା ପଞ୍ଜୀକରଣ କରିପାରିବେ।

### ● ଟାଙ୍ଗଡ଼ା ଦ୍ୱାରରେ ଖଙ୍କାର

## ମହାପ୍ରଭୁଙ୍କର ହେଲା ବଡ଼ ମହାସ୍ନାନ

ପୁରୀ,୩୧।୧(ସମିସ): ଶ୍ରୀମନ୍ଦିରରେ ମହାପ୍ରଭୁଙ୍କର ହୋଇଛି ବଡ଼ ମହାସ୍ନାନ। ଟାଙ୍ଗଡ଼ା ଦ୍ୱାରରେ ଖଙ୍କାର ପଡ଼ିଥିବାରୁ ବଡ଼ ମହାସ୍ନାନ କରାଯାଇଛି। ଏହି ସ୍ୱତନ୍ତ୍ର ମହାସ୍ନାନ ପୂଜା ପାଇଁ ନୀତିକାନ୍ତିରେ ପ୍ରାୟ ଦେଢ଼ଘଣ୍ଟା ବିଳମ୍ବ ହୋଇଛି। ଶନିବାର ସକାଳ ୬ଟାରେ ଦ୍ୱାର ଫିଟିଥିଲା। ଭିତର ଶୋଧ ପରେ ୬ଟା ୫୦ରେ ମଙ୍ଗଳ ଆଳତି ବଢ଼ି ଅନ୍ୟାନ୍ୟ ନୀତି ଚାଲିଥିଲା। ମଇଲମ ପରେ ୭ଟା ୧୦ରେ ତଡ଼ପଲାଗି ହୋଇଥିଲା। ଏହି ସମୟରେ ଭିତରକାଠ ଦର୍ଶନ ଚାଲିଥିବାବେଳେ ଟାଙ୍ଗଡ଼ା ଦ୍ୱାରରେ ଖଙ୍କାର ପଡ଼ିଥିବା ଦେଖିବାକୁ ମିଳିଥିଲା। ଏହାପରେ ସେହିଠାରେ ନୀତି ଅଟକାଯାଇ ମହାସ୍ନାନ ପାଇଁ ଆରମ୍ଭ ହୋଇଥିଲା ପ୍ରକ୍ରିୟା। ରତ୍ନସିଂହାସନଠାରୁ ଜୟ ବିଜୟ ଦ୍ୱାର ପର୍ଯ୍ୟନ୍ତ ଧୂଆ ହୋଇ ଚୂନପାଣି ପଡ଼ିଥିଲା। ସକାଳ ୮ଟା ୨୫ରେ ପୂଜାପଣ୍ଡା ସେବକମାନେ ମହାସ୍ନାନ ପୂଜା କରିଥିଲେ। ୮ଟା ୩୫ରେ ମହାସ୍ନାନ ପୂଜା ବଢ଼ିବା ପରେ ପୁନଶ୍ଚ ଯେଉଁଠାରୁ ନୀତି ଅଟକାଯାଇଥିଲା ସେହିଠାରୁ ନୀତି ଆରମ୍ଭ ହୋଇଥିଲା। ଏହି ମହାସ୍ନାନ ପାଇଁ ଦର୍ଶନ ବି ବନ୍ଦ ରହିଥିଲା। ଫଳରେ ପ୍ରାୟ ଘଣ୍ଟାଏରୁ ଊର୍ଦ୍ଧ୍ୱ ନୀତିକାନ୍ତିରେ ବିଳମ୍ବ ହୋଇଥିଲା।

### ● ଶ୍ରୀଲୋକନାଥଙ୍କ ପୀଠରେ ମହାଶିବରାତ୍ରୀ

## ପ୍ରସ୍ତୁତି ସମୀକ୍ଷା କଲେ ଜିଲ୍ଲାପାଳ

ପୁରୀ,୩୧।୧(ସମିସ): ଶ୍ରୀଲୋକନାଥ ଦେବଙ୍କ ଜାଗର ଯାତ୍ରାକୁ ଶାନ୍ତି ଶୃଙ୍ଖଳାର ସହ ସମାପନ ଲାଗି ପ୍ରତ୍ୟେକେ ଯତ୍ନବାନ ହେବାକୁ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ନିର୍ଦ୍ଦେଶ ଦେଇଛନ୍ତି। ଶନିବାର ସନ୍ଧ୍ୟାରେ ଜିଲ୍ଲାପାଳଙ୍କ ଆବାସିକ କାର୍ଯ୍ୟାଳୟଠାରେ ଜିଲ୍ଲାପାଳ ଶ୍ରୀ ପରିଡ଼ା ଶ୍ରୀଲୋକନାଥ ଦେବଙ୍କ ଜାଗର ଯାତ୍ରାର ସମୀକ୍ଷା କରିଥିଲେ। ଚଳିତ ବର୍ଷ ଯାତ୍ରାରେ ଯେପରି ଶ୍ରଦ୍ଧାଳୁମାନଙ୍କର କୌଣସି ଅସୁବିଧା ନ ହୁଏ, ସେଥିପାଇଁ ସମସ୍ତ ବିଭାଗ ଓ ମନ୍ଦିର କମିଟି ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ଫେବୃଆରୀ ୧୩ ତାରିଖ ପଙ୍କୋଦ୍ଧାର ଏକାଦଶୀ ଓ ୧୫ ତାରିଖ ଶିବରାତ୍ରି ପଡୁଛି। ପୂର୍ବ ବୈଠକରେ ଜାଗର ଯାତ୍ରାର ନୀତିକାନ୍ତି, ସମୟ ନିର୍ଘଣ୍ଟର ସୂଚନା ଦିଆଯିବା ସହ ବିଭିନ୍ନ ପଦକ୍ଷେପ ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇଥିଲା। ଆଇନ ଶୃଙ୍ଖଳା ରକ୍ଷା, ପାର୍କିଂ, ପାନୀୟ ଜଳ ଯୋଗାଣ, ପରିଷ୍କାର ପରିଚ୍ଛନ୍ନତା, ପରିମଳ, ବିଦ୍ୟୁତ୍, ବ୍ୟାରିକେଡ୍, ଅଗ୍ନି ନିର୍ବାପକ, ଅସ୍ଥାୟୀ ସ୍ୱାସ୍ଥ୍ୟ କେନ୍ଦ୍ର, ଆମ୍ବୁଲାନ୍ସ, ସୂଚନା କେନ୍ଦ୍ର, ସାଂସ୍କୃତିକ କାର୍ଯ୍ୟକ୍ରମ ଇତ୍ୟାଦି ବ୍ୟବସ୍ଥା ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇ ସଠିକ୍ କାର୍ଯ୍ୟ ପରିଚାଳନା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଏ ସବୁକୁ ନିର୍ଦ୍ଧାରିତ ସମୟ ମଧ୍ୟରେ ପୂର୍ଣ୍ଣାଙ୍ଗ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ବୈଠକରେ ଜିଲ୍ଲାସ୍ତରୀୟ ଅଧିକାରୀଙ୍କ ସମେତ ବରିଷ୍ଠ ସେବାୟତ ରବି ନାରାୟଣ ପଣ୍ଡା ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

### ● ସୁଖଲତା ସ୍ମୃତି ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

## ପିଲାଙ୍କ ନୃତ୍ୟରେ ଝୁମିଲେ ଅଭିଭାବକ

ପୁରୀ,୩୧।୧(ସମିସ): ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଶନିବାର ସୁଖଲତା ସ୍ମୃତି ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସୁଚରିତା ପ୍ରତିହାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବରେଣ୍ୟ ଅତିଥି ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ପ୍ରାଧ୍ୟାପକ ଡ. ଲକ୍ଷ୍ମୀଧର ପଣ୍ଡା, ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ଉପାଧ୍ୟକ୍ଷ ଦେବସ୍ମିତା ମହାପାତ୍ର, ପ୍ରାକ୍ତନ ମଣ୍ଡଳ ଶିକ୍ଷାଧିକାରୀ ପ୍ରମୋଦ କୁମାର କର, ଏସ୍‌ସିଏସ୍ କଲେଜର ବରିଷ୍ଠ ଅଧ୍ୟାପକ ଡ. ଶିବ ପ୍ରସନ୍ନ ପଟ୍ଟନାୟକ, ସମାଜସେବୀ ଚକ୍ରଧର ମହାପାତ୍ର, ପଞ୍ଚସଖା ଶିକ୍ଷା ସେତୁ ସଭାପତି ସୁକାନ୍ତ ପଣ୍ଡା ଓ ପରିଚାଳନା କମିଟି ସଭାପତି ସୁଜାତା ମହାନ୍ତି ପ୍ରମୁଖ ଯୋଗଦେଇ ପିଲାଙ୍କୁ ଭଲ ମଣିଷ ହେବା ଲାଗି ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ଦ୍ୱାରା ପରିବେଷିତ ଓଡ଼ିଶୀ, ସମ୍ବଲପୁରୀ, ବିହୁ, ଝୁମର ନୃତ୍ୟରେ ଝୁମିଥିଲେ ଅଭିଭାବକ ଓ ଛାତ୍ରଛାତ୍ରୀ। ଏହି ଅବସରରେ ସୁଖଲତା ସ୍ମୃତି ସମ୍ମାନ ଶ୍ରାବଣୀ ମାଳ, ସ୍ୱଚ୍ଛ ବିଦ୍ୟାର୍ଥୀ ସମ୍ମାନ ଭାଗ୍ୟଶ୍ରୀ ମିଶ୍ର, ସର୍ବାଧିକ ଉପସ୍ଥାନ ପାଇଁ ଜୟଶ୍ରୀ ଦଳାଇ (ମାଧ୍ୟମିକ), ସାଇ ସାସମଲ (ପ୍ରାଥମିକ), ସର୍ବଜୟୀ ଖେଳାଳି ସମ୍ମାନ ଗାଉଲ ସନ୍ଦିପ, ଛାତ୍ରୀ ଗାୟତ୍ରୀ ପୃଷ୍ଟିଙ୍କୁ ପ୍ରଦାନ କରାଯାଇଥିଲା। ବିଷ୍ଣୁ ପ୍ରସାଦ ମହାନ୍ତିଙ୍କୁ ଉତ୍ତମ ଛାତ୍ର, ରାଧା ଗୋବିନ୍ଦ ଦାସଙ୍କୁ ଶୃଙ୍ଖଳିତ ଛାତ୍ର, ରୋହିତ କୁମାର ରାଉତଙ୍କୁ ଶ୍ରେଷ୍ଠ ସ୍ୱେଚ୍ଛାସେବୀ ସମ୍ମାନ ଦିଆଯାଇଥିଲା। ସ୍ୱପ୍ନାରାଣୀ ହୋତା ଅତିଥି ପରିଚୟ, ବରିଷ୍ଠ ଶିକ୍ଷୟିତ୍ରୀ ରଶ୍ମିତା ସାହୁ ବାର୍ଷିକ ବିବରଣୀ ପାଠ କରିଥିବାବେଳେ ଶିକ୍ଷୟିତ୍ରୀ ପୁଷ୍ପାରାଣୀ ପଣ୍ଡାଙ୍କ ନେତୃତ୍ୱରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଧର୍ମେନ୍ଦ୍ର ହାଁସଦା ଧନ୍ୟବାଦ ଅର୍ପଣ କରିଥିଲେ।

## ୨ରୁ ସେବାୟତ ପ୍ରିମିୟର ଲିଗ୍ କ୍ରିକେଟ

ପୁରୀ,୩୧।୧(ସମିସ): ଆସନ୍ତା ୨ରୁ ୯ ତାରିଖ ପର୍ଯ୍ୟନ୍ତ ଶ୍ରୀଜଗନ୍ନାଥ କ୍ରିକେଟ ଷ୍ଟାଡିୟମ୍‌ରେ ଶ୍ରୀମନ୍ଦିର ଟ୍ରଫି ସେବାୟତ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେବ। ୨ ତାରିଖ ଅପରାହ୍ନ ୩ଟାରେ



ଉଦ୍‌ଘାଟନ ହେବାକୁ ଥିବାବେଳେ ଉଦ୍‌ଯାପନୀ ୯ ତାରିଖ ସନ୍ଧ୍ୟା ୭ଟାରେ ଅନୁଷ୍ଠିତ ହେବ। ଏଥିରେ ୨୨ଟି ଦଳ ଅଂଶଗ୍ରହଣ କରିବେ ବୋଲି ଅତିରିକ୍ତ ଜିଲ୍ଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ ସୂଚନା ଦେଇଛନ୍ତି। ଶନିବାର ସର୍କିଟ ହାଉସ୍‌ରେ ସେବାୟତ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆୟୋଜନ ସମ୍ପର୍କରେ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ସୂଚନା ଦେଇ ଅତିରିକ୍ତ ଜିଲ୍ଲାପାଳ କହିଥିଲେ, ଖେଳ ମାଧ୍ୟମରେ ଭାଇଚାରା ଓ ପାରସ୍ପରିକ ସଦ୍‌ଭାବନା ପ୍ରତିଷ୍ଠା ଏହି ଟୁର୍ଣ୍ଣାମେଣ୍ଟର ମୂଳ ଲକ୍ଷ୍ୟ। ଚଳିତ ସିଜିନ୍‌ରେ ଅଂଶଗ୍ରହଣ କରୁଥିବା ୨୨ଟି ଟିମ୍‌କୁ ୮ଟି ଗ୍ରୁପ୍‌ରେ ରଖାଯାଇଛି। ୮ ଦିନର ଏହି ଦିବାରାତ୍ର ଟୁର୍ଣ୍ଣାମେଣ୍ଟରେ ୨୮ଟି ମ୍ୟାଚ୍ ଖେଳାଯିବ। ମୋଟ୍ ୩୫୨ ଜଣ ଖେଳାଳି ଅଂଶଗ୍ରହଣ କରିବେ। ଗ୍ରୁପ୍ 'ଏ'ରେ ସୁଆର ମହାସୁଆର ନିଯୋଗ, ହଡ଼ପ ନାୟକ ନିଯୋଗ ଓ ଦୟଣାମାଳି ସେବା ନିଯୋଗ, ଗ୍ରୁପ୍ 'ବି'ରେ ଦର୍ପଣିଆ ନିଯୋଗ, ବଡୁସୁଆର ନିଯୋଗ, ସାବୁତ ନିଯୋଗ, ଗ୍ରୁପ୍ 'ସି'ରେ ବିମାନବଡୁ ନିଯୋଗ, ପାଳିଆ ମେକାପ ନିଯୋଗ, ଚୁନରା ଗରୁଡ଼ ନିଯୋଗ, ଗ୍ରୁପ୍ 'ଡି'ରେ ମୁଦୁଲି ନିଯୋଗ, କୋଠଭୋଗ ପାଣିଆ ନିଯୋଗ, ପ୍ରତିହାରୀ ନିଯୋଗ, ଗ୍ରୁପ୍ 'ଇ'ରେ ପାଟରା ବିଶୋଇ ନିଯୋଗ, ଖୁଣ୍ଟିଆ ନିଯୋଗ, ସୁଆର ବଡୁ ପତ୍ରିବଡୁ ନିଯୋଗ, ଗ୍ରୁପ୍ 'ଏଫ୍'ରେ ଦଇତାପତି ନିଯୋଗ, ଶୁଦ୍ଧ ସୁଆର ନିଯୋଗ, ପୂଜାପଣ୍ଡା ନିଯୋଗ, ଗ୍ରୁପ୍ 'ଜି'ରେ ବଲ୍ଲଭ ଯୋଗାଣିଆ ନିଯୋଗ, ପୁଷ୍ପାଳକ ନିଯୋଗ, ଗ୍ରୁପ୍ 'ଏଚ୍'ରେ ଗରାବଡୁ ନିଯୋଗ ଓ ପୁରୀ ଘଣ୍ଟୁଆ ନିଯୋଗ ରହିଛନ୍ତି ବୋଲି କହିଥିଲେ। ଏହି ବୈଠକରେ ପୌରନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, କ୍ରୀଡ଼ା ସଂସଦର ପ୍ରାକ୍ତନ ସମ୍ପାଦକ ରବି ଶଙ୍କର ପ୍ରତିହାରୀ, ବରିଷ୍ଠ ସେବାୟତ ରାମଚନ୍ଦ୍ର ଦାସ ମହାପାତ୍ର, କେଦାରନାଥ ଖୁଣ୍ଟିଆ, ମାଧବ ପୂଜାପଣ୍ଡା, ନାରାୟଣ ଗୋଛିକାର ପ୍ରମୁଖ ଉପସ୍ଥିତ ଥିଲେ।

## ମହାପ୍ରଭୁଙ୍କ ଭୂ-ସମ୍ପତ୍ତି ସୁରକ୍ଷା ନିମନ୍ତେ ଦୃଢ଼ କାର୍ଯ୍ୟାନୁଷ୍ଠାନ




ପୁରୀ,୩୧।୧(ସମିସ): ଶ୍ରୀଜଗନ୍ନାଥ ମହାପ୍ରଭୁ ବିଜେ ପୁରୀଙ୍କ ନାମରେ ବିଭିନ୍ନ ମୌଜାରେ ଥିବା ମୂଲ୍ୟବାନ ସମ୍ପତ୍ତିଗୁଡ଼ିକର ସୁରକ୍ଷା ନିମନ୍ତେ ଶ୍ରୀମନ୍ଦିର ପ୍ରଶାସନ ତରଫରୁ ତତ୍ପରତା ସହିତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ସୂଚନାଫଳକ ସ୍ଥାପନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଆଦର୍ଶ ଗୁରୁକୁଳ ପ୍ରୋଜେକ୍ଟ ମାଟିତୋଟା, ପ୍ରେମକୁଞ୍ଜ ଗଳି, ବେହେରା ସାହି (ମାଟିତୋଟା) ଏବଂ ରେବତୀରମଣ ଏହିଭଳି ସ୍ଥାନଗୁଡ଼ିକରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଜମି ଉପରେ ସୂଚନାଫଳକ ଲଗାଯାଇ ଶ୍ରୀମନ୍ଦିର ପ୍ରଶାସନ ଦ୍ୱାରା ମାଲିକାନା ସତ୍ତ୍ୱ ଜାହିର୍ କରାଯାଇଛି। ଏଥିସହିତ ଅନଧିକୃତ ଭାବେ ନିର୍ମିତ ଗୃହଗୁଡ଼ିକରୁ ବିଦ୍ୟୁତ୍ ସରବରାହ ଓ ପାନୀୟଜଳ ଯୋଗାଣକୁ ବିଚ୍ଛିନ୍ନ କରାଯାଇଛି। ଏଭଳି ଅନଧିକୃତ ନିର୍ମାଣ କରିଥିବା ବ୍ୟକ୍ତିବିଶେଷ ତଥା ଅନୁଷ୍ଠାନ ବିରୁଦ୍ଧରେ ସ୍ଥାନୀୟ ଥାନାରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ମାମଲା ରୁଜୁ କରାଯାଇଛି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଭୂ-ସମ୍ପତ୍ତିର ସୁରକ୍ଷା ନିମନ୍ତେ ଏହିଭଳି ପ୍ରକ୍ରିୟା ଆଗକୁ ମଧ୍ୟ ଜାରି ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ସୂଚନା ଦେଇଛନ୍ତି। ଏଥିଲାଗି ପ୍ରଶାସନ ସର୍ବସାଧାରଣଙ୍କ ସହଯୋଗ କାମନା କରିବା ସହ ଏଭଳି ବେଆଇନ କାର୍ଯ୍ୟ କରୁଥିବା ଅସାମାଜିକ ବ୍ୟକ୍ତି ଓ ଅନୁଷ୍ଠାନକୁ ସତର୍କ କରିଛି।

## କବି ପୃଥ୍ୱୀରାଜ ପରିଡ଼ାଙ୍କ ବିୟୋଗରେ ଶୋକ

ପୁରୀ,୩୧।୧(ସମିସ): ପୁରୀ ଶନିବାର ସାହିତ୍ୟ ସନ୍ଧ୍ୟା ତରଫରୁ ଏହାର ପ୍ରତିଷ୍ଠାତା ସଦସ୍ୟ କବି ପୃଥ୍ୱୀରାଜ ପରିଡ଼ାଙ୍କ ବିୟୋଗରେ ଶନିବାର ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। କବି ମାନସ ରଞ୍ଜନ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ 'ସାନ୍ସ ବିୟଣ୍ଡ' ଇଂରାଜୀ କବିତା ସଂକଳନର କବି ଶ୍ରୀ ପରିଡ଼ାଙ୍କ ଅନୁଷ୍ଠାନର ସାହିତ୍ୟ ଆସର ଓ ସଂଗଠନ କାମରେ ଭୂମିକା ନେଇ ସଦସ୍ୟମାନେ ସ୍ମୃତିଚାରଣ କରିଥିଲେ। ସଭାରେ କବି ରକ୍ଷକ ନାୟକ, ଶୈଳବାଳା ମହାପାତ୍ର, ବିରଜା ମହାପାତ୍ର, ସମରେନ୍ଦ୍ର ମହାପାତ୍ର, ଡ. ଯୋଗେଶ ରଥ, ସ୍ୱପ୍ନା ମିଶ୍ର, ଜାନକୀ ବଲ୍ଲଭ ଦାସ, ବିପିନ ବିହାରୀ ଦଳେଇ, ବିଶ୍ୱରଞ୍ଜନ ମହାପାତ୍ର ପ୍ରମୁଖ ଅଂଶଗ୍ରହଣ କରି ଶୋକବ୍ୟକ୍ତ କରିଥିଲେ।

# ଅଦିନିଆ ରଥଯାତ୍ରା ମହାପ୍ରଭୁଙ୍କ ନିର୍ଦ୍ଦେଶକୁ ଅପମାନ

### ଉଦ୍‌ବେଗ ପ୍ରକାଶ କଲା ଶ୍ରୀଜଗନ୍ନାଥ ଚେତନା ଗବେଷଣା ପ୍ରତିଷ୍ଠାନ

ପୁରୀ,୩୧।୧(ସମିସ): ସମ୍ପ୍ରତି ଅଦିନିଆ ରଥଯାତ୍ରାକୁ ନେଇ ଚର୍ଚ୍ଚା, ଆଲୋଚନା ହେଉଛି। ବିଦେଶରେ ଅସମୟରେ ରଥଯାତ୍ରା କରାଯାଉଛି। ଅଦିନରେ ରଥଯାତ୍ରା ବିଶ୍ୱନିୟନ୍ତା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିର୍ଦ୍ଦେଶକୁ ଅପମାନ। କାରଣ ମହାପ୍ରଭୁ ନିଜେ ନିଜର ରଥଯାତ୍ରା ମହୋତ୍ସବ ପାଇଁ ତିଥି ନିର୍ଣ୍ଣୟ କରିଛନ୍ତି। ହେଲେ ଏହାକୁ ଅବମାନନା କରାଯାଉଛି। ଏହାକୁ ନେଇ ଗଭୀର ଉଦ୍‌ବେଗ ପ୍ରକାଶ କରିଛି ଶ୍ରୀଜଗନ୍ନାଥ ଚେତନା ଗବେଷଣା ପ୍ରତିଷ୍ଠାନ। ଏ ନେଇ ଶନିବାର ପ୍ରତିଷ୍ଠାନ ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଅଦିନିଆ ରଥଯାତ୍ରାକୁ ବିରୋଧ କରାଯାଇଛି।

ପ୍ରତିଷ୍ଠାନର ସଭାପତି ସଚ୍ଚିଦାନନ୍ଦ ଦାସ ବାବାଜୀ କହିଛନ୍ତି, ଅତିଥିରେ ହେଉଥିବା ରଥଯାତ୍ରା ପାଳନ କରିବା ହେଉଛି ପାପ ଓ ଅଧର୍ମ। ଏହି ବ୍ୟତିକ୍ରମ ପରିଣତି ଭୟଙ୍କର ହୋଇପାରେ। ଯଦି ରାମନବମୀ ଓ ଜନ୍ମାଷ୍ଟମୀ ନିର୍ଦ୍ଦିଷ୍ଟ ଦିନରେ ପାଳନ ହେଉଛି ତେବେ ରଥଯାତ୍ରା ୯ ଦିନ ମଧ୍ୟରେ ପାଳନ କରିବାରେ ସମସ୍ୟା କେଉଁଠି? ମହାପ୍ରଭୁଙ୍କ ନିର୍ଦ୍ଦେଶକୁ ଅବଜ୍ଞା କରି ଅସମୟରେ ରଥଯାତ୍ରା କରୁଥିବା ସଂସ୍ଥାକୁ ବିରୋଧ କରିବାକୁ ଭକ୍ତଙ୍କୁ ଆହ୍ୱାନ ଦେଇଛନ୍ତି। ପ୍ରତିଷ୍ଠାନର ମହାସଚିବ ଡ. ନରେଶ ଚନ୍ଦ୍ର ଦାଶ କହିଛନ୍ତି, ବିଭିନ୍ନ ପ୍ରାଚୀନ ଶାସ୍ତ୍ର ବିଶେଷକରି ବ୍ରହ୍ମପୁରାଣ ଓ ସ୍କନ୍ଦପୁରାଣ (ପୁରୁଷୋତ୍ତମ କ୍ଷେତ୍ର ମାହାତ୍ମ୍ୟ) ଅନୁସାରେ ଭଗବାନ ଶ୍ରୀଜଗନ୍ନାଥଙ୍କ ବାର୍ଷିକ ରଥଯାତ୍ରା ଆଷାଢ଼ ଶୁକ୍ଳ ଦ୍ୱିତୀୟା ତିଥିରୁ ଆରମ୍ଭ ହୋଇ




ନଅ ଦିନ ମଧ୍ୟରେ ସମ୍ପୂର୍ଣ୍ଣ ହୋଇଥାଏ। ଏହି ଯାତ୍ରାର ତିଥି ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଦ୍ୱାରା ନିର୍ଦ୍ଦିଷ୍ଟ। ଏଥିରେ ବିଚ୍ୟୁତି ହେଲେ ବିଶ୍ୱବାସୀଙ୍କ ପାଇଁ ପ୍ରତିକୂଳ ପରିଣାମ ଆଣିଥାଏ ବୋଲି ଶାସ୍ତ୍ରରେ ଦର୍ଶାଯାଇଛି। ପବିତ୍ର ଶାସ୍ତ୍ର ଓ ପ୍ରାଚୀନ ପରମ୍ପରା ଉଲ୍ଲଂଘନ କରି ଇସ୍କନ ସଂଗଠନ ଦ୍ୱାରା ପରିଚାଳିତ ଅସମୟ ରଥଯାତ୍ରାକୁ ବନ୍ଦ କରିବା ପାଇଁ ପୁରୀରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମୂଳପୀଠ ପରିଚାଳନା ଦାୟିତ୍ୱରେ ଥିବା ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଇସ୍କନ କର୍ତ୍ତୃପକ୍ଷଙ୍କୁ ପତ୍ର ଦିଆଯାଇଛି। କିନ୍ତୁ ଗତ କିଛିମାସ ମଧ୍ୟରେ ନାଇଜେରିଆର କି ୱାରି ସିଟି, ତାଇୱାନର ତାଇପେଇ ସିଟି, ନେପାଳ ଧରାନ, ଦକ୍ଷିଣ ଆଫ୍ରିକାର କେପ୍‌ଟାଉନ, ମାଲେସିଆର ସାବେରାଙ୍ଗ ଜୟା, ଆମେରିକାର ସାନ ଜୁଆନ, ନ୍ୟୁଜିଲାଣ୍ଡର ଅକଲ୍ୟାଣ୍ଡ, ମାଲେସିଆର କ୍ୱାଲାଲମ୍ପୁର, ଆମେରିକାର ମିଆମି ଓ ଫୋନିକ୍ସରେ ରଥଯାତ୍ରା ଅନୁଷ୍ଠିତ ହୋଇଛି। ପ୍ରାଚୀନ ପରମ୍ପରା ଓ ଶାସ୍ତ୍ରକୁ ଉଲ୍ଲଂଘନ କରି ଇସ୍କନ ସଂଗଠନ ଏଭଳି ଅଦିନିଆ ରଥଯାତ୍ରା ଆୟୋଜନ କରିଛି। ଏ ନେଇ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ନିଶ୍ଚଳାନନ୍ଦ ସରସ୍ୱତୀ, ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ଗୃହମନ୍ତ୍ରୀ, କେନ୍ଦ୍ର ସଂସ୍କୃତି ମନ୍ତ୍ରୀ, ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ଆଇନମନ୍ତ୍ରୀ, ଗଜପତି ମହାରାଜା, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ନିକଟକୁ ପତ୍ର ପଠାଯାଇଛି ବୋଲି ଡ. ଦାଶ କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ କାର୍ଯ୍ୟକାରୀ ସଭାପତି ରାମକୃଷ୍ଣ ଦାସ ମହାରାଜ, ଉପସଭାପତି ସୁଦର୍ଶନ ନାୟକ, ପୂର୍ଣ୍ଣଚନ୍ଦ୍ର ଗୋଛିକାର, ଡ. ଅସିତ୍ ମହାନ୍ତି, ଡ. କରୁଣାକର ପ୍ରଧାନ, ହରେକୃଷ୍ଣ ପ୍ରତିହାରୀ, ସନ୍ତୋଷ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଭଗବତୀପ୍ରସାଦରେ ବେଆଇନ ମାଙ୍କଡ଼ା ଖଣି

# ଛକ ଛକରେ ଜଗୁଆଳି, ତଳୁ ଉପର ଯାଏଁ ଚାନ୍ଦା

ନୟାଗଡ଼,୩୧ ।୧(ସମିସ)

ଓଡ଼ଗାଁ ବ୍ଲକ ରୋହିବାଙ୍କ ପଞ୍ଚାୟତ ଭଗବତୀପ୍ରସାଦ, କୋମଣ୍ଡ ପଞ୍ଚାୟତ ଭାଲୁଗାଡ଼ିଆ ଅଞ୍ଚଳରେ ବେଆଇନ ମାଙ୍କଡ଼ା ଖଣି ନିର୍ବିଘ୍ନରେ ଚାଲୁଛି । ତଳୁ ଉପର ଯାଏଁ ମାସିକିଆ ଚାନ୍ଦା ଦେଇ ବେଆଇନ ଭାବେ ଚାଲୁଥିବା ଏହି ମାଙ୍କଡ଼ା ପଥର ଚୋରା ଚାଲାଣ ପାଇଁ ରୋହିବାଙ୍କ ବାଘୁଆ ଛକଠାରୁ ବାହାଡ଼ଝୋଲା, ଓଡ଼ଗାଁ ଥାନା ନିକଟରୁ ଗୋଡ଼ିପଲ୍ଲୀ ପର୍ଯ୍ୟନ୍ତ ପ୍ରତି ଛକରେ ଜଗୁଆଳି ଜଗାଯାଉଛି । ନୟାଗଡ଼ ଖଣି ବିଭାଗ ନିକଟରେ ମଧ୍ୟ ରାତିରେ ଜଗୁଆଳି ଜଗାଯାଉଥିବା ଆଲୋଚନା ହେଉଛି । ତେବେ ପୁଲିସ, ତହସିଲ ଓ ଖଣି ବିଭାଗ ଅଧିକାରୀଙ୍କ ଗତିବିଧିକୁ ମାଫିଆ ନଜରରେ ରଖି ଖେଳ କରୁଛନ୍ତି । ପ୍ରତ୍ୟେକ ରାତିରେ ବେଆଇନ ମାଙ୍କଡ଼ା ଖନନ କରି ଶହ ଶହ ଟ୍ରିପ ଚାଲାଣ ହେଉଛି । ଓଡ଼ଗାଁ ଓ ନୟାଗଡ଼ ବ୍ଲକର କିଛି ଅଞ୍ଚଳକୁ ମାଙ୍କଡ଼ା ପହଞ୍ଚୁଥିବା ବେଳେ ଗଞ୍ଜାମ ଜିଲ୍ଲାକୁ ସର୍ବାଧିକ ମାଙ୍କଡ଼ା ଯାଉଛି । ନୟାଗଡ଼ର ଜଣେ ରାଜନୈତିକ ନେତ୍ରୀଙ୍କ ସହ ଭିତିଆରି ବୁଝାମଣା ହୋଇଥିବା ଚର୍ଚ୍ଚା ହେଉଛି । ଉକ୍ତ ନେତ୍ରୀଙ୍କଠାରୁ ଅଭୟବାଣୀ ପାଇ ଏଭଳି କାରବାର ଚାଲୁଛି । ଏହାସହ ମାଫିଆମାନେ ମାସିକିଆ ଚାନ୍ଦା ଦେଇ ଏହି ବେଆଇନ କାରବାର ଚଲାଉଥିବା ବେଳେ ମାଫିଆଙ୍କ ମଧ୍ୟରେ ସିଣ୍ଡିକେଟ୍ କରାଯାଇଛି । ଏହି ସିଣ୍ଡିକେଟ୍ ନେତୃତ୍ୱ ବାପ ଓ ପୁଅ ନେଇଥିବା ଆଲୋଚନା ହେଉଛି । ମାଙ୍କଡ଼ା ବୁହା ହେଉଥିବା ଗାଡ଼ିଗୁଡ଼ିକରୁ ମାସିକ ୮ ରୁ ୧୦ ହଜାର ଲେଖାଏଁ ଆଦାୟ କରି ତଳୁ, ଉପର ଯାଏଁ ସମସ୍ତଙ୍କୁ ସନ୍ତୁଷ୍ଟ କରାଯାଉଛି ।



### ଦୈନିକ ଉଠୁଛି ଶହଶହ ଟ୍ରିପ୍ ମାଙ୍କଡ଼ା
### ପୁଲିସ, ତହସିଲ, ଖଣି ବିଭାଗ ନିରବ

ଦୀର୍ଘବର୍ଷ ଧରି ଚାଲି ଆସୁଥିବା ଏହି ବେଆଇନ ମାଙ୍କଡ଼ା ଖଣି କାରବାର ଉପରେ କିଛିଦିନ ରୋକ ଲାଗିଥିବା ବେଳେ ଏବେ ପୁଣି ମାଫିଆ ସକ୍ରିୟ ହୋଇଛନ୍ତି । ନୟାଗଡ଼ ଖଣି ବିଭାଗ ଅଧିକାରୀଙ୍କ ଅପାରଗ ପଣିଆ ଏବଂ ସ୍ୱାର୍ଥପରତା ପାଇଁ ଏଭଳି ବେଆଇନ ଖଣି କାରବାର ସମ୍ଭବ ହୋଇପାରୁଛି । ବେଆଇନ ମାଙ୍କଡ଼ା ଖନନ ଦ୍ୱାରା ସ୍ଥାନୀୟ ଅଞ୍ଚଳରେ ଚାଷ ଉଜୁଡ଼ିବାକୁ ବସିଥିବା ବେଳେ ଶହ ଶହ ମୃତ ଖଣି ପୋଖରୀ ପାଲଟିଯାଇଥିବା ଦେଖିବାକୁ ମିଳିଛି । ଉକ୍ତ ଅଞ୍ଚଳରେ ଚାଲୁଥିବା ମାଫିଆରାଜ ଉପରେ ପ୍ରଶାସନିକ ପାହାର ଆବଶ୍ୟକତା ଥିବା ବେଳେ ଏହାକୁ ସର୍ବଦା ଅଣଦେଖା କରାଯାଉଛି । ସ୍ଥାନୀୟ ଆରଆଇ ସବୁଜାଣି ନିରବ ରହୁଥିବା ଏବଂ ଜିଲ୍ଲା ପ୍ରଶାସନକୁ ଏନେଇ ଅବଗତ କରୁ ନ ଥିବା ଅଭିଯୋଗ ହେଉଛି । ବେଆଇନ ଖଣି ଖନନ ସମ୍ପର୍କରେ ସ୍ଥାନୀୟ ଆର୍ଆଇ ତହସିଲକୁ ଏବଂ ତହସିଲ କର୍ତ୍ତୃପକ୍ଷ ଜିଲ୍ଲା ପ୍ରଶାସନକୁ ଅବଗତ କରିବା ନିୟମ ରହିଛି । ମାତ୍ର ଏନେଇ କୌଣସି ସୂଚନା ମଧ୍ୟ ଜିଲ୍ଲା ପ୍ରଶାସନକୁ ପ୍ରଦାନ କରାଯାଉନାହିଁ । ବିଗତ ଦିନରେ ଏହି ବେଆଇନ ଖଣି ଖନନ ସମ୍ପର୍କରେ ''ସକାଳ'ରେ ଖବର ପ୍ରକାଶ ପାଇଥିଲା । ତତ୍କାଳୀନ ଜିଲ୍ଲାପାଳ ରବୀନ୍ଦ୍ର ନାଥ ସାହୁ ନିଜେ କୋମଣ୍ଡ ଅଞ୍ଚଳକୁ ଯାଇ ଛାନଭିନ କରିବା ସହ ସ୍ଥାନୀୟ ଆରଆଇଙ୍କୁ ନିଲମ୍ବନ କରିଥିଲେ । ସେ ସମୟରେ ତହସିଲଦାରଙ୍କ ବଦଳି ମଧ୍ୟ ହୋଇଥିଲା । ଏହା ପରଠାରୁ ଉକ୍ତ ଅଞ୍ଚଳ ପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ହୋଇଛି ।

## ଦୁର୍ଘଟଣାଜନିତ ମୃତ୍ୟୁସଂଖ୍ୟା ବୃଦ୍ଧି

ଓଡ଼ଗାଁ,୩୧ ।୧(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ ଅଞ୍ଚଳରେ ଗତ କିଛିଦିନ ଧରି ଦୁର୍ଘଟଣାଜନିତ ମୃତ୍ୟୁସଂଖ୍ୟା ଚିନ୍ତାଜନକ ଭାବେ ବୃଦ୍ଧି ପାଇବାରେ ଲାଗିଛି । ମଦ୍ୟପାନ କରି ଗାଡ଼ି ଚାଳନା ଦୁର୍ଘଟଣାର ମୁଖ୍ୟ କାରଣ ସାଜିଛି । ରାସ୍ତା ପାଶ୍ୱର୍ରେ ଲାଇସେନ୍ସପ୍ରାପ୍ତ ମଦ ଦୋକାନ ସହ ବିଭିନ୍ନ ଗ୍ରାମ ଏବଂ ରାସ୍ତାପାଶ୍ୱର୍ରେ ଚୋରା ମଦ ଦୋକାନ ମଦ୍ୟପଙ୍କ ସଂଖ୍ୟା ବୃଦ୍ଧି କରିବାରେ ସହାୟକ ହେଉଥିଲା ବେଳେ ପାରିବାରିକ ଝଗଡ଼ା ସହ ରାସ୍ତା ଦୁର୍ଘଟଣାରେ ଅନେକ ପରିବାର ଉଜୁଡ଼ି ଯାଉଛି । ନୟାଗଡ଼-ଭଞ୍ଜନଗର ୨୧ ନମ୍ବର ରାଜ୍ୟ ରାଜପଥ ସହ ଓଡ଼ଗାଁ-ବାହାଡ଼ାଝୋଲା ପୂର୍ତ୍ତ ବିଭାଗ ରାସ୍ତା, ସୁନାମୁହିଁ-କୁରାଳ, ଗିରିଡ଼ିପଲ୍ଲୀ ମୁଖ୍ୟ ରାସ୍ତାରେ ଦୁର୍ଘଟଣା ଅଧିକ ଘଟୁଛି । ଏହି ସମସ୍ତ ରାସ୍ତା ସହ କଲେଜ ରୋଡ୍‌ରେ ଦ୍ରୁତ ଓ ବେପରୁଆ ଗାଡ଼ି ଚାଳନା ଯୋଗୁଁ ଅନେକ ନିର୍ଦ୍ଦୋଷ ଲୋକଙ୍କ ଜୀବନ ଯାଉଛି । ପ୍ରଶାସନ ଏ ଦିଗରେ ଯଥାଶୀଘ୍ର ଉଚିତ ପଦକ୍ଷେପ ଗ୍ରହଣ ନ କଲେ ଆଗାମୀ ଦିନରେ ଏଭଳି ଦୁର୍ଘଟଣା ସହିତ ମୃତ୍ୟୁସଂଖ୍ୟା ଦିନକୁ ଦିନ ବଢ଼ିବା ଆଶଙ୍କା ଦେଖାଯାଇଛି ।

## କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ; ଶାଳଝରିଆ ଚାମ୍ପିଅନ

ନୟାଗଡ଼,୩୧ ।୧(ସମିସ): ସଦର ବ୍ଲକ କ୍ରିଦାଶପୁର ପଞ୍ଚାୟତସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଶନିବାର ଉଦଯାପିତ ହୋଇଛି । ମା' ବ୍ରାହ୍ମଣୀ ଦେବୀ କ୍ରିକେଟ୍ କ୍ଲବ ଆନୁକୂଲ୍ୟରେ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟରେ ୮ଟି ଦଳ ଯୋଗଦେଇଥିଲେ । ଶାଳଝରିଆ ଓ ଖେଡ଼ପଡ଼ା ଦଳ ମଧ୍ୟରେ ଫାଇନାଲ ମ୍ୟାଚ ଖେଳାଯାଇଥିଲା । ଶାଳଝରିଆ ବିଜୟୀ ହୋଇ ଚାମ୍ପିଅନ ହୋଇଛି । ମା' ବ୍ରାହ୍ମଣୀ ଦେବୀ କ୍ରିକେଟ୍ କ୍ଲବ ଅଧିନାୟକ ରଞ୍ଜନ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ଅତିଥି ଭାବେ ଗତିଶ୍ୱର ମହାବିଦ୍ୟାଳୟ କ୍ରୀଡ଼ା ଅଧ୍ୟାପକ ପ୍ରଶାନ୍ତ କୁମାର ବେହେରା, କ୍ରୀଡ଼ାବିତ୍ ମାନସ କୁମାର ପଣ୍ଡା ଯୋଗଦେଇଥିଲେ ।

## ପଦଯାତ୍ରା ଓ ଗ୍ରାମୀଣ ଯୁବ ଏକତା ଶିବିର

ନୟାଗଡ଼,୩୧ ।୧(ସମିସ): ନୟାଗଡ଼ ଜିଲ୍ଲା ପ୍ରଶାସନ ଦ୍ୱାରା ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜନ୍ମବାର୍ଷିକୀ ପାଳନ ଉପଲକ୍ଷେ ପଦଯାତ୍ରା ଓ ଗ୍ରାମୀଣ ଯୁବ ଏକତା ଶିବିର ଆୟୋଜନ କରାଯାଇଛି । "ଏକତା ପଦଯାତ୍ରା' କାର୍ଯ୍ୟକ୍ରମକୁ ଜିଲ୍ଲାପାଳ ମଧୁମିତା ରଥ ଉଦଘାଟନ କରିଥିଲେ । ପଦଯାତ୍ରା ନୟାଗଡ଼ ଷ୍ଟାଡିୟମରୁ ଆରମ୍ଭ ହୋଇ କଲେଜ୍ ରୋଡ୍ ଦେଇ ତ୍ରିନାଥ ଛକ ପର୍ଯ୍ୟନ୍ତ ଯାଇ ପୁନଃ ଷ୍ଟାଡିୟମକୁ ଫେରିଥିଲା । ଏଥିରେ ପ୍ରାୟ ୫ ଶହ ଯୁବକ-ଯୁବତୀ ଅଂଶଗ୍ରହଣ କରିଥିଲେ । ପଦଯାତ୍ରାରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ ଦେବାଶିଷ ପଟ୍ଟନାୟକ, ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାଶ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜ୍ୟୋତ୍ସ୍ନାମୟୀ ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇଥିଲେ । ଏହାସହ ନୟାଗଡ଼ ଇନ୍‌ଡୋର୍ ଷ୍ଟାଡିୟମରେ ଗ୍ରାମୀଣ ଯୁବ ଏକତା ଶିବିର ଆୟୋଜିତ ହୋଇଥିଲା । ଜିଲ୍ଲାପାଳ ତାଙ୍କ ଅଭିଭାଷଣରେ ଦେଶକୁ ସୁଦୃଢ଼ ଓ ଏକତ୍ରିତ କରିବାରେ ସର୍ଦ୍ଦାର ପଟେଲଙ୍କ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ । ବିଭିନ୍ନ ପ୍ରତିଯୋଗିତାର ବିଜେତାଙ୍କୁ ଅତିଥି ପୁରସ୍କୃତ କରିଥିଲେ ।

## କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ; ଗୁପ୍ତେଶ୍ୱର ଚାମ୍ପିଅନ

କଣ୍ଟିଲୋ,୩୧ ।୧(ସମିସ): ବାଣପୁର କ୍ରିକେଟ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ରବୀନ୍ଦ୍ର ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଛି । ଫାଇନାଲ ମ୍ୟାଚ କଣ୍ଟିଲୋ ଦେବାଂଶୀ କ୍ଲବ ଓ ଭୋଗଡ଼ା ବାବା ଗୁପ୍ତେଶ୍ୱର କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଗୁପ୍ତେଶ୍ୱର କ୍ଲବ ୪୧ ରନରେ ବିଜୟୀ ହୋଇ ଚାମ୍ପିଅନ ହୋଇଛି । ଗୁପ୍ତେଶ୍ୱର କ୍ଲବର ତପି ମ୍ୟାନ ଅଫ ଦି ମ୍ୟାଚ ଓ ରାକେଶ ମ୍ୟାନ ଅଫ ଦି ଟୁର୍ଣ୍ଣାମେଣ୍ଟ ବିବେଚିତ ହୋଇଥିଲେ । ଅତିଥି ଭାବେ କଣ୍ଟିଲୋ ସ୍ୱାସ୍ଥ୍ୟକେନ୍ଦ୍ରର ଫାର୍ମାସିଷ୍ଟ ମାନସ କୁମାର ସାହୁ, କଣ୍ଟିଲୋ ଫାଣ୍ଡି ଅଧିକାରୀ ସ୍ୱାଗତ ଦାସ, ପ୍ରାକ୍ତନ ବାଣପୁର ସରପଞ୍ଚ ପ୍ରଦୀପ କର ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିବା ସହ ପୁରସ୍କାର ପ୍ରଦାନ କରିଥିଲେ ।

## ସଡ଼କ ସୁରକ୍ଷା ସଚେତନତା




ଗଣିଆ,୩୧ ।୧(ସମିସ): ସ୍ଥାନୀୟ ଆରସି ସାମନ୍ତରାୟ ମହାବିଦ୍ୟାଳୟ ପରିସରରେ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଅଧ୍ୟକ୍ଷ ମଳୟ କୁମାର ପଣ୍ଡା, ଉପାଧ୍ୟକ୍ଷ ଉମାକାନ୍ତ ବେହେରା, ଓଡ଼ିଆ ଅଧ୍ୟାପକ ଜିତେନ କୁମାର ପାଣିଗ୍ରାହୀଙ୍କ ନେତୃତ୍ୱରେ ଜାତୀୟ ସେବା ଯୋଜନା (ଏନ୍‌ଏସ୍‌ଏସ୍) ଛାତ୍ରଛାତ୍ରୀମାନେ ଗଣିଆ-ଭୁବନେଶ୍ୱର ରାଜ୍ୟ ରାଜପଥରେ ସଚେତନତା କରିଥିଲେ । ବାଇକ୍ ଚଲାଇଲା ବେଳେ ହେଲମେଟ ପିନ୍ଧିବା, ଫୋନ ବ୍ୟବହାର ନ କରିବା, ଚାରିଚକିଆ ଯାନ ବ୍ୟବହାର ସମୟରେ ସିଟ୍ ବେଲ୍ଟ ପିନ୍ଧିବା, ଟ୍ରାଫିକ ନିୟମ ମାନିବା, ଦ୍ରୁତଗତିରେ ଗାଡ଼ି ନ ଚଲାଇବା, ନିଜେ ସୁରକ୍ଷିତ ରହିବା ସହ ଅନ୍ୟମାନଙ୍କୁ ସୁରକ୍ଷା ପ୍ରଦାନ କରିବାକୁ ସଚେତନ କରାଯାଇଥିଲା । ହେଲମେଟ୍ ପିନ୍ଧି ଯାତାୟାତ କରୁଥିବା ଚାଳକଙ୍କୁ ଚକୋଲେଟ ଦେଇ କୃତଜ୍ଞତା ଜ୍ଞାପନ କରିଥିଲେ । ଜୀବନ ମୂଲ୍ୟବାନ, ତେଣୁ ଯତ୍ନର ସହ ଗାଡ଼ି ଚଲାନ୍ତୁ ବୋଲି ସେମାନେ ଚାଳକଙ୍କୁ ପରାମର୍ଶ ଦେଇଥିଲେ । ଶତାଧିକ ଛାତ୍ରଛାତ୍ରୀ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ ।

## ଶିକ୍ଷକଙ୍କ ପରଲୋକ

ଭାପୁର,୩୧ ।୧(ସମିସ): ଭାପୁର ବ୍ଲକ ଚକ୍ରଧରପ୍ରସାଦ ଗ୍ରାମର ଶିକ୍ଷକ ଗୌରଚନ୍ଦ୍ର ପାଇକରାୟଙ୍କ ବଡ଼ପୁଅ ଶିକ୍ଷକ ସଂଗ୍ରାମ କେଶରୀ ପାଇକରାୟଙ୍କ ଦେହାନ୍ତ ହୋଇଛି । ସଂଗ୍ରାମ ବୋଲଗଡ଼ ବ୍ଲକ ସହଜପୁର ଗ୍ରାମ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକତା କରୁଥିଲେ । କିଛିଦିନ ହେଲା କିଡନୀ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିଲେ । ଶନିବାର ଭୁବନେଶ୍ୱର ଏମ୍‌ସ ଡାକ୍ତରଖାନାରେ ତାଙ୍କ ମୃତ୍ୟୁ ହୋଇଛି । ମରଶରୀରକୁ ଗାଁ ପରିକ୍ରମା କରାଯାଇ ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି । ବଡ଼ପୁଅ ସୂର୍ଯ୍ୟବର୍ଦ୍ଧନ ମୁଖାଗ୍ନି ଦେଇଥିଲେ ।

## ଗିରୀଶଙ୍କୁ କଳାକ୍ଷେତ୍ର ସମ୍ମାନ

ଗଣିଆ,୩୧ ।୧(ସମିସ): ଗଣିଆ ବ୍ଲକ କିଶୋରପ୍ରସାଦ ଗ୍ରାମର ଗିରୀଶ କୁମାର ମିଶ୍ରଙ୍କୁ ମିଳିଛି କଳାକ୍ଷେତ୍ର ସମ୍ମାନ । ଅନେକ ନାଟକ, ଭଜନ, ମଞ୍ଚରେ ଅଭିନୟ କରି ସେ ସଫଳତା ସାଉଁଟିଛନ୍ତି । ଭୁବନେଶ୍ୱର ଗାନ୍ଧୀନଗରରେ ରାଜ୍ୟସ୍ତରୀୟ କଳାକ୍ଷେତ୍ର ମହୋତ୍ସବରେ ନାଟକ ଓ ଅଭିନୟରେ ପ୍ରଶଂସନୀୟ ଅବଦାନ ପାଇଁ ତାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି ।

## ରାଜନୀତି ବିଜ୍ଞାନ ଆଲୋଚନାଚକ୍ର

ନୟାଗଡ଼,୩୧ ।୧(ସମିସ): ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗରେ ଅଧ୍ୟକ୍ଷ ଡ. ବିପିନ କୁମାର ପଟ୍ଟନାୟକଙ୍କ ସଭାପତିତ୍ୱରେ ''ମହିଳା ଓ ବିକାଶ: ସାମ୍ପ୍ରତିକ ସମୟରେ ଆହ୍ୱାନ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି । ପ୍ରାକ୍ତନ ପ୍ରଫେସର ସ୍ୱର୍ଣ୍ଣମୟୀ ତ୍ରିପାଠୀ ଏଥିରେ ଯୋଗ ଦେଇଥିଲେ । ବିଭାଗ ମୁଖ୍ୟ ଅଧ୍ୟାପକ ଗୌରହରି ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ । ଅଧ୍ୟାପିକା ସ୍ୱାଗତିକା ପରିଡ଼ା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଅଧ୍ୟାପିକା ସସ୍ମିତା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

## 'ସ୍ମାଇଲ ନୟାଗଡ଼' ପକ୍ଷରୁ ସଚେତନତା

ନୟାଗଡ଼,୩୧ ।୧(ସମିସ): ସଡ଼କ ସୁରକ୍ଷା ମାସ ଅବସରରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ''ସ୍ମାଇଲ ନୟାଗଡ଼' ପକ୍ଷରୁ ପାଲା ମାଧ୍ୟମରେ ବିଭିନ୍ନ ପଞ୍ଚାୟତରେ ସଚେତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ପାଲା ଗାୟକ ପଣ୍ଡିତ ସୁବାସ ଚନ୍ଦ୍ର ଗ୍ରହାଚାର୍ଯ୍ୟ, ବାୟକ ରଘୁ, ଅର୍ଜୁନ, କାଶୀ ଏବଂ ଟୁକୁଙ୍କୁ ନେଇ ସୁନ୍ଦର ଭାବେ ପାଲା ପରିବେଷଣ ମାଧ୍ୟମରେ ସଚେତନ କରାଯାଇଥିଲା । ଦୁଇଚକିଆ ଗାଡ଼ି ଚଳାଇବା ସମୟରେ ହେଲମେଟ ପିନ୍ଧିବା, ମୋବାଇଲରେ କଥା ନ ହେବା, ତିନିଜଣ ବସି ନ ଯିବା, ଟ୍ରାଫିକ ନିୟମ ମାନି ଚଳିବା, ୧୮ ବର୍ଷରୁ କମ ପିଲାଙ୍କୁ ବାଇକ୍ ନ ଦେବା ଏବଂ ଚାରିଚକିଆ ଜାନ ଚଳାଇବା ସମୟରେ ସିଟ ବେଲ୍ଟ ପିନ୍ଧିବା ପ୍ରଭୃତି ଉପରେ ମାଛିପଡ଼ା, ଲାଠିପଡ଼ା, ନୟାଗଡ଼ ବଜାର, ବୋଦାପଡ଼ା ପ୍ରଭୃତି ସ୍ଥାନରେ ସଚେତନ କରାଯାଇଥିଲା ।

## କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ; ବଡ଼ବାଣପୁର ଚାମ୍ପିଅନ

କଣ୍ଟିଲୋ,୩୧ ।୧(ସମିସ): ଲକ୍ଷ୍ମୀପ୍ରସାଦ କ୍ରିକେଟ ପଡ଼ିଆରେ ଚାଲିଥିବା ସପ୍ତମ ବାର୍ଷିକ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଆୟୋଜକ ମା' ଦକ୍ଷିଣକାଳୀ କ୍ରିକେଟ ଟିମକୁ ୧ ଉଇକେଟରେ ହରାଇ ବଡ଼ବାଣପୁର ଦଳ ଚାମ୍ପିଅନ ହୋଇଛି । ଟସ ଜିତି ଦକ୍ଷିଣକାଳୀ ଦଳ ପ୍ରଥମେ ବ୍ୟାଟିଂ କରି ୧୪.୨ ଓଭରରେ ସମସ୍ତ ଉଇକେଟ ହରାଇ ୧୧୩ ରନ ସଂଗ୍ରହ କରିଥିଲା । ଜବାବରେ ବଡ଼ବାଣପୁର ଦଳ ୧୬ ଓଭରରେ ୯ ଉଇକେଟ ହରାଇ ୧୧୫ ରନ କରି ବିଜୟୀ ହେଇଥିଲା । ବିଜୟୀ ଦଳର ମୁନା ବେହେରା ୨୪ ବଲରେ ୩୯ ରନ କରି ମ୍ୟାନ ଅଫ ଦି ମ୍ୟାଚ ଓ ନବୀନ ପ୍ରଧାନ ମ୍ୟାନ ଅଫ ଦି ସିରିଜ ବିବେଚିତ ହେଇଥିଲେ । ଅତିଥି ରୂପେ 'ସକାଳ'ର କଣ୍ଟିଲୋ ପ୍ରତିନିଧି ତପନ କୁମାର ମହାପାତ୍ର ଯୋଗଦେଇଥିଲେ ।

## ଜିଲ୍ଲାରେ ବୃଦ୍ଧି ପାଉଛି ବନ୍ୟଜନ୍ତୁ ସଂଖ୍ୟା

# ସୁସ୍ଥ ରଖିବା ପାଇଁ ପ୍ରସ୍ତୁତ ହେଉଛି 'ଲୁଣମାଟି'

ନୟାଗଡ଼,୩୧ ।୧(ସମିସ): ନୟାଗଡ଼ ଜିଲ୍ଲାରେ ନୟାଗଡ଼ ବନଖଣ୍ଡ, ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ, ଖୋର୍ଦ୍ଧା ବନଖଣ୍ଡ କାର୍ଯ୍ୟ କରୁଛି । ନୟାଗଡ଼ର ଜଙ୍ଗଲ ଘଞ୍ଚ ଓ ପରିପୂର୍ଣ୍ଣ । କେବଳ ଜଙ୍ଗଲ ସମ୍ପଦ ପାଇଁ ଜିଲ୍ଲା ଶକ୍ତିଶାଳୀ ହୋଇଛି । ସବୁଜ ବନାନୀ ଘେରା ନୟାଗଡ଼ରେ ଜଙ୍ଗଲ ସହ ବନ୍ୟଜନ୍ତୁ ସଂଖ୍ୟା ମଧ୍ୟ ବୃଦ୍ଧି ପାଉଛି । ହାତୀ, କଲରାପତରିଆ, କଳାବାଘ, ମିରିଗ, ହରିଣ, କୁଟୁରା, ଗୟଳ ପ୍ରଭୃତି ବନ୍ୟଜନ୍ତୁଙ୍କ ସହ ବାରହା ସଂଖ୍ୟା ମଧ୍ୟ



ବେଶ୍ ବୃଦ୍ଧି ପାଉଛି । ଗତ ଦଶନ୍ଧି ଧରି ବନ୍ୟଜନ୍ତୁଙ୍କ ସଂଖ୍ୟା ବୃଦ୍ଧି ପାଉଥିବା ବେଳେ ବନ୍ୟଜନ୍ତୁଙ୍କୁ ସୁସ୍ଥ ରଖିବା ପାଇଁ ବିଭିନ୍ନ ଜଙ୍ଗଲରେ ଲୁଣମାଟି ପ୍ରସ୍ତୁତ କରାଯାଉଛି । ଅଗାଡ଼ ଜଙ୍ଗଲରେ ମାଟି ଓ ଲୁଣର ମିଶ୍ରଣ କରାଯାଉଛି । ଯାହାକୁ ଖାଇବାକୁ ପ୍ରତ୍ୟେକ ଦିନ ବିଭିନ୍ନ ସମୟରେ ବନ୍ୟଜନ୍ତୁମାନେ ଆସୁଥିବା ବନବିଭାଗ ଟ୍ରାପ କ୍ୟାମେରାରୁ ଜଣାପଡ଼ିଛି । ଏହି ଲୁଣମାଟି ବନ୍ୟଜନ୍ତୁଙ୍କ ବଂଶବୃଦ୍ଧି ଏବଂ ତାଙ୍କ ସ୍ୱାସ୍ଥ୍ୟ ସନ୍ତୁଳନ ପାଇଁ ବେଶ୍ ସହାୟକ ହୁଏ ବୋଲି ସୂଚନା ମିଳିଛି ।

## ଲକ୍ଷାଧିକ ଟଙ୍କା ହଡ଼ପ ଘଟଣା

# ୬.୮ ଲକ୍ଷ ଅସୁଲ, ଧରା ଦେଉନାହାନ୍ତି ଏମ୍‌ବିକେ

ଖଣ୍ଡପଡ଼ା,୩୧ ।୧(ସମିସ): ଖଣ୍ଡପଡ଼ା ବ୍ଲକ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତରେ ଜିପିଏଲଏଫ ଗଠନ ହୋଇଥିବା ବେଳେ ଏଥିରେ ଜଣେ ଲେଖାଏଁ ଏମବିକେ ମଧ୍ୟ ନିଯୁକ୍ତ ହୋଇଛନ୍ତି । ଗୁଣ୍ଡୁଣି ପଞ୍ଚାୟତ ଏମବିକେ ଦାୟିତ୍ୱରେ ଥିବା ଶୈଳବାଳା ବେହେରା ଦାୟିତ୍ୱରେ ଥିବା ବେଳେ ଦୀର୍ଘ ୯ ମାସ ହେବ ମହାସଂଘର ସମସ୍ତ ପାସବୁକ, ରିଜୋଲ୍ୟୁସନ ବହି ତଥା କାଗଜପତ୍ରକୁ ରଖିବା ସହ ଲକ୍ଷାଧିକ ଟଙ୍କାର ହିସାବ ନ ଦେବା ଘଟଣାକୁ ନେଇ ପଞ୍ଚାୟତର ମହିଳା ଗୋଷ୍ଠୀ ତଥା ଇସି ସଦସ୍ୟାମାନେ ଗତ ଜାନୁଆରୀ ୫ରେ ମିଶନଶକ୍ତି ବିପିସିଙ୍କୁ ଅଭିଯୋଗ କରିବା ସହ ଗଣମାଧ୍ୟମ ପ୍ରତିନିଧିଙ୍କୁ ଅଭିଯୋଗ କରିଥିଲେ । ପରେ ସମସ୍ତଙ୍କ ଉପସ୍ଥିତିରେ ଏମବିକେ ଏବଂ ଇସି ସଦସ୍ୟଙ୍କଠାରୁ ସମସ୍ତ ବ୍ୟାଙ୍କ କାଗଜପତ୍ର ଯାଞ୍ଚ କରିବା ପରେ ୧୩ ଲକ୍ଷ ୨ ହଜାର ୮ ଶହ ୧୭ ଟଙ୍କା ଖୋଦ ଏମବିକେ ଏବଂ ତାଙ୍କ ସ୍ୱାମୀ ବିଭିନ୍ନ ସଂଘ ଆକାଉଣ୍ଟରେ ଜମା କରି ନ ଥିବା ଜଣାପଡ଼ିଥିଲା । ପ୍ରମାଣିତ ଭାବରେ ସେ ଯେତିକି ଟଙ୍କା ନେଇ ସଂଘ ଆକାଉଣ୍ଟରେ ଜମା କରିନାହାନ୍ତି ସେ ସବୁ ପରିଶୋଧ କରିବେ ଏମବିକେ ଏବଂ ତାଙ୍କ ସ୍ୱାମୀ କହିଥିଲେ । ବିଭିନ୍ନ ସ୍ୱୟଂ ସହାୟିକା ଗୋଷ୍ଠୀର ଏକାଧିକ ମହିଳା ଖଣ୍ଡପଡ଼ା ପଞ୍ଚାୟତ ସମିତି କାର୍ଯ୍ୟାଳୟକୁ ଆସି ବିଭାଗୀୟ ଅଧିକାରୀଙ୍କୁ ପୁନର୍ବାର ଅଭିଯୋଗ କରିଥିଲେ । ବର୍ତ୍ତମାନ ସୁଦ୍ଧା ଏମବିକେ ବିଭିନ୍ନ ବାବଦରେ ୬ ଲକ୍ଷ ୭୯ ହଜାର ୮ ଶହ ୩ ଟଙ୍କା ସଂଘ ଆକାଉଣ୍ଟରେ ଜମା କରିଥିବା ଇସି ସଦସ୍ୟମାନେ ଜଣାଇଛନ୍ତି । ବକେୟା ଟଙ୍କା ପାଇଁ ଇସି ସଦସ୍ୟମାନେ ବ୍ୟସ୍ତ ହେଉଥିବା ବେଳେ ଏମବିକେ ଏବଂ ତାଙ୍କ ସ୍ୱାମୀ ଗାଁ ଛାଡ଼ି ଅନ୍ୟତ୍ର ପଳାଇଥିବା ସୂଚନା ଦେଇଛନ୍ତି । ଯଦି ବକେୟା ଅର୍ଥ ଖୁବଶୀଘ୍ର ନ ମିଳେ ଏମବିକେଙ୍କ ବିରୋଧରେ ଆଇନର ଆଶ୍ରୟ ନେବେ ବୋଲି ସମସ୍ତ ଇସି ସଦସ୍ୟ ସୂଚନା ଦେଇଛନ୍ତି । ଏନେଇ ବିପିସି ଦିଲୀପ କୁମାର ନାୟକଙ୍କୁ ପଚାରିବାରେ ଉକ୍ତ ଘଟଣାର ସତ୍ୟାସତ୍ୟ ବାହାରିବା ପରେ ଦୋଷୀ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି ।



## କେସି କ୍ଲବ୍ ଶତବାର୍ଷିକୀ ଉତ୍ସବ ଉଦ୍‌ଯାପିତ

# 'ସାମାଜିକ ବିକାଶ ଏବଂ କ୍ଲବ୍ ଗୋଟିଏ ମୁଦ୍ରାର ଦୁଇ ପାର୍ଶ୍ୱ'

ନୟାଗଡ଼,୩୧ ।୧(ସମିସ): ନୟାଗଡ଼ ଜିଲ୍ଲାର ସର୍ବ ପୁରାତନ କେସି କ୍ଲବର ପାଞ୍ଚଦିନ ବ୍ୟାପୀ ଚାଲିଥିବା ଶତବାର୍ଷିକୀ ଉତ୍ସବ ଶନିବାର ଉଦଯାପିତ ହୋଇଛି । ଉଦଯାପନୀ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଯୋଗଦେଇ କହିଲେ, ସାମାଜିକ ବିକାଶର ହୃତପିଣ୍ଡ ହେଉଛି କ୍ଲବ । କେସି କ୍ଲବ୍ ଦୀର୍ଘ ଶହେ ବର୍ଷ ଧରି ନୟାଗଡ଼ର ବିକାଶକୁ ରୁଦ୍ଧିମନ୍ତ କରିବାରେ ଅଗ୍ରଣୀ ଭୂମିକା ନେଇଥିବାରୁ ସେ ଏହାର ପ୍ରଶଂସା କରିଥିଲେ । କ୍ଲବ୍ ଆଉ ସାମାଜିକ ବିକାଶ ଗୋଟିଏ ମୁଦ୍ରାର ଦୁଇଟି ପାଶ୍ୱର୍ ବୋଲି ସେ କହିଥିଲେ । କେସି କ୍ଲବର୍ ଭିତ୍ତିଭୂମିକୁ ଆହୁରି ସୁଦୃଢ଼ କରିବା ପାଇଁ ପର୍ଯ୍ୟାପ୍ତ ଆର୍ଥିକ ସହାୟତା ଘୋଷଣା କରିଥିଲେ । ମୁଖ୍ୟବକ୍ତା ଭାବେ ଜିଲ୍ଲାପାଳ ମଧୁମିତା ରଥ ଯୋଗଦେଇ କେସି କ୍ଲବର ସାମଗ୍ରିକ ବିକାଶକୁ ସ୍ୱତନ୍ତ୍ର ନଜର ଦିଆଯିବ ବୋଲି ପ୍ରକାଶ କରିଥିଲେ । ବରିଷ୍ଠ ସାମ୍ବାଦିକ ରାମକୃଷ୍ଣ ରଥଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଭାଗୀରଥି ଦାସ ସଭାପତିତ୍ୱ କରିଥିବା ବେଳେ ସମ୍ପାଦକ ସଂଗ୍ରାମ କେଶରୀ ଗୁମାନସିଂ ସମ୍ପାଦକୀୟ ବକ୍ତବ୍ୟ ରଖିଥିଲେ । ସମ୍ମାନିତ ଅତିଥିଭାବେ ଅଭିଳାଷ ପଣ୍ଡା, ବିଶିଷ୍ଟ ଅତିଥି ଭାବେ ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ, ଓସିଏ ସଭାପତି ପଙ୍କଜ ଲୋଚନ ମହାନ୍ତି, ଓସିଏ କୋଷାଧ୍ୟକ୍ଷ ବିକାଶ ପ୍ରଧାନ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ । କ୍ଲବ ଉପସଭାପତି ଭବାନୀ ଶଙ୍କର ଦାସ, କୋଷାଧ୍ୟକ୍ଷ ସାରଦା ପ୍ରସାଦ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ ।



# ଧାନମଣ୍ଡି ଓ ବନରକ୍ଷୀ ବାସଗୃହ ଉଦ୍‌ଘାଟିତ

ଖଣ୍ଡପଡ଼ା,୩୧ ।୧(ସମିସ): ଖଣ୍ଡପଡ଼ା ବ୍ଲକ କିଆଝର ଗ୍ରାମରେ ଧାନମଣ୍ଡି ଗୃହ ଉଦଘାଟିତ ହୋଇଛି । ପ୍ରାୟ ୫୫ ଲକ୍ଷ ଟଙ୍କା ବ୍ୟୟରେ ଏହି ଅତ୍ୟାଧୁନିକ ଧାନମଣ୍ଡି ଗୃହ ନିର୍ମାଣ ହୋଇଛି । ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ । ବିଡିଓ ଅଙ୍କୁର ଅଭିଳାଷ, ସାଂସଦଙ୍କ ପ୍ରତିନିଧି ଚନ୍ଦ୍ରକାନ୍ତ ବଳିଆରସିଂ, ନୟାଗଡ଼ ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ ସମ୍ପାଦକ ଅଜୟ ପଟ୍ଟନାୟକ, ଜିଲ୍ଲା ଯୋଗାଣ ଅଧିକାରୀ ମୁରଲୀକ୍ରୀଷ୍ଣା ରାଓ, ଏଆରସିଏସ୍ ଅନନ୍ତ ନାରାୟଣ ନାୟକ, ଖଣ୍ଡପଡ଼ା ସମବାୟ ବ୍ୟାଙ୍କ ପରିଚାଳକ ବଟକୃଷ୍ଣ ବେହେରା, ଆରଏମସି ସମ୍ପାଦକ ଅନିଲ କୁମାର ରାଉତ, କିଆଝର ସମବାୟ ସମିତି ସମ୍ପାଦକ ଦେବରାଜ ସାହୁ, ସମ୍ପାଦକ ତପନ ତ୍ରିପାଠୀ, ଧାନକ୍ରୟ ତଦାରଖ ଅଧିକାରୀ ବିଭୂତି ପ୍ରଧାନ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ରମାକାନ୍ତ ସେଠୀ, ସଂଗଠକ ପରୀକ୍ଷିତ ମାଝୀ, ସମାଜସେବୀ ଶ୍ରୀକାନ୍ତ ବଳିଆରସିଂ ପ୍ରମୁଖ ଉପସ୍ଥିତ ଥିଲେ । ସେହିପରି କିଆଝର ଗ୍ରାମରେ ବିଧାୟକ ସ୍ୱାଇଁ ନୂତନ ବନରକ୍ଷୀ ବାସଗୃହ ଉଦଘାଟନ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ରେଞ୍ଜର ଦିଲୀପ କୁମାର ପଟ୍ଟନାୟକ, ବିଡିଓ ଅଙ୍କୁର ଅଭିଳାଷ ପ୍ରମୁଖ ଉପସ୍ଥିତ ଥିଲେ ।



## ପଞ୍ଚୁପାଣ୍ଡବ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳାର ଦ୍ୱିତୀୟ ସନ୍ଧ୍ୟା

# ଅର୍ଚ୍ଚନା ପାଢ଼ୀଙ୍କ ସଙ୍ଗୀତରେ ଝୁମିଲେ ଦର୍ଶକ

ନୟାଗଡ଼/ଗଣିଆ,୩୧ ।୧(ସମିସ)

ନୟାଗଡ଼ ଜିଲ୍ଲା ନୂଆଗାଁ ମହୋତ୍ସବ ପଡ଼ିଆରେ ଚାଲିଥିବା ପଞ୍ଚୁପାଣ୍ଡବ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ପ୍ରବଳ ଜନସମାଗମ ଦେଖିବାକୁ ମିଳିଥିଲା । ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ, ବିଶିଷ୍ଟ ଅତିଥି ଭାବେ ସାଲେପୁର ବିଧାୟକ ପ୍ରଶାନ୍ତ କୁମାର ବେହେରା, ଜିଲ୍ଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ, ଜିଲ୍ଲାପାଳ ମଧୁମିତା ରଥ ଯୋଗଦେଇଥିଲେ । ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ବିଷ୍ଣୁପ୍ରିୟା ବେହେରା, ତହସିଲଦାର ହେମନ୍ତ କୁମାର ନାୟକ, ଅତିରିକ୍ତ ଏସ୍‌ପି ସୁବାସ ଚନ୍ଦ୍ର ପଣ୍ଡା, ଜିଲ୍ଲା ପରିଷଦ ସଭ୍ୟ ନରେଶ କୁମାର ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ । ନୂଆଗାଁ ମାଟିର ଗାଥା ସମ୍ପର୍କରେ ମୁଖ୍ୟଅତିଥି ସାହୁ ବକ୍ତବ୍ୟ ରଖିଥିଲେ । ସନ୍ଧ୍ୟାରେ ନୂଆଗାଁ ବନ୍ଦନା, ମୃଣ୍ମୟୀ କଲଚରାଲ ସୋସାଇଟି, କଟକ ନୃତ୍ୟାଙ୍ଗ ଫାଉଣ୍ଡେସନ ଟ୍ରଷ୍ଟ, ଭୁବନେଶ୍ୱର ନୃତ୍ୟ ନିପୁଣା ତରଫରୁ ନୃତ୍ୟ ଏବଂ ସଙ୍ଗୀତ ପରିବେଷଣ କରାଯାଇଥିଲା । କଳାକାରଙ୍କୁ ମହୋତ୍ସବ କମିଟି ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା । ରାତିରେ ଅର୍ଚ୍ଚନା ପାଢ଼ୀଙ୍କ ସଙ୍ଗୀତରେ ଦର୍ଶକ ଝୁମିଥିଲେ । ମହୋତ୍ସବ ପରିସରରେ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ହାତ ତିଆରି ସାମଗ୍ରୀ ବିକ୍ରି କରୁଥିବା ବେଳେ ଶୀତୁଆ ରାତିରେ ଚଟପଟି ଖାଦ୍ୟର ମଜା ନେବାପାଇଁ ଲୋକଙ୍କ ମଧ୍ୟରେ ଉତ୍ସାହ ଦେଖାଯାଇଥିଲା ।



## ବିବାଦରେ ବୋଲଗଡ଼ ବିଡିଓ } ଅର୍ଥ ଆତ୍ମସାତ୍ ଅଭିଯୋଗ ଆଣିଲେ ନିର୍ବାଚିତ ପ୍ରତିନିଧି

**ଖୋର୍ଦ୍ଧା, ୩୧।୧(ସମିସ)**



ବିବାଦରେ ବୋଲଗଡ଼ ବିଡିଓ ସୁମନସୁଧା କୁଣ୍ଡୁ। ବିଡିଓଙ୍କ ମନମୁଖୀ କାର୍ଯ୍ୟ, ଜନ ପ୍ରତିନିଧିଙ୍କୁ ଅଣଦେଖା, ସାଧାରଣତନ୍ତ୍ର ଦିବସ ଉତ୍ସବରେ ଅନୁପସ୍ଥିତି, ଅର୍ଥ ଆତ୍ମସାତ ଅଭିଯୋଗ ଆଣି ବ୍ଲକ ଅଧକ୍ଷା ହୁଲ୍ଲାସ ପ୍ରଧାନଙ୍କ ନେତୃତ୍ୱରେ ଏକାଧିକ ସରପଞ୍ଚ, ସମିତି ସଭ୍ୟ ଆଜି ପୂର୍ବାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ ଏକ ପ୍ରତିନିଧି ମଣ୍ଡଳୀ ଅତିରିକ୍ତ ଜିଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନଙ୍କୁ ଭେଟି ୧୪ ଦଫା ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଆସନ୍ତା ୭ଦିନ ମଧ୍ୟରେ ବିଡିଓଙ୍କ ବିରୋଧରେ ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଗଲେ, ୯ ତାରିଖରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ କାର୍ଯ୍ୟାଳୟ ଆଗରେ ଶାନ୍ତିପୂର୍ଣ୍ଣ ଭାବେ ଆନ୍ଦୋଳନ କରାଯିବ ବୋଲି ନିର୍ବାଚିତ ପ୍ରତିନିଧିମାନେ ଚେତାବନୀ ଦେଇଛନ୍ତି।

ଦାବିଗୁଡିକ ମଧ୍ୟରେ ଜାନୁଆରୀ ୨୬ ତାରିଖ ସାରା ଦେଶ ସାଧାରଣତନ୍ତ୍ର ଦିବସ ପାଳନ କରୁଥିବାବେଳେ ବୋଲଗଡ଼ ବିଡିଓ ବ୍ଲକସ୍ତରୀୟ ଉତ୍ସବ ପାଇଁ ଜନପ୍ରତିନିଧି, ବିଧାୟକଙ୍କୁ ନିମନ୍ତ୍ରଣ କରି ଅନୁପସ୍ଥିତ ରହିବା ସହ ଦୀର୍ଘ ଦିନ ଚାଲି ଆସୁଥିବା ପିଲାଙ୍କ ସମ୍ମିଳିତ ପରେଡକୁ ବନ୍ଦ କରିଦେଲେ। ଫଳରେ ଦୀର୍ଘ ଦିନର ପରମ୍ପରା ଭଙ୍ଗହେବା ସହ ଦେଶର ସମ୍ବିଧାନ ଦିବସକୁ ଅପମାନିତ, ଅସମ୍ମାନ କରିଛନ୍ତି। ବିଡିଓ କାର୍ଯ୍ୟାଳୟକୁ ଠିକ୍ ସମୟରେ ଆସୁନଥିବା ବେଳେ ଅନେକ ସମୟରେ କାର୍ଯ୍ୟାଳୟରେ ଅନୁପସ୍ଥିତ ରହୁଛନ୍ତି। ହେଡକ୍ୱାର୍ଟରରେ ରହିବା ପରିବର୍ତ୍ତେ ସେ ରାଜଧାନୀରେ ରହୁଛନ୍ତି। ପଞ୍ଚାୟତ ସମିତିର ବିନା ଅନୁମୋଦନରେ ଆରଡବ୍ଲ୍ୟୁଏସ୍ଏସ୍‌ର ଯନ୍ତ୍ରପାତିକୁ ୨ଥର କିଣି ଏକ ନିର୍ଦ୍ଦିଷ୍ଟ ସଂସ୍ଥାକୁ ବିକ୍ରି କରି ମୋଟା ଅଙ୍କର ଅର୍ଥରାଶି କମାଇଛନ୍ତି, ଏହା ତଦନ୍ତ ସାପେକ୍ଷ। ଏ ସଂକ୍ରାନ୍ତୀୟ ଡକ୍ୟୁମେଣ୍ଟ ଷ୍ଟୋର ଇସ୍ୟୁ ଏବଂ ରେଜିଷ୍ଟାର କରାନଯାଇ ଏକ ଠିକା କର୍ମଚାରୀଙ୍କ ମାଧ୍ୟମରେ କରାଯାଉଛି, ଏହା ଆଇନ ବିରୁଦ୍ଧ ବୋଲି ଦର୍ଶାଯାଇଛି।

ବ୍ଲକର ବିଭିନ୍ନ ଆସବାବପତ୍ର, ଅନ୍ୟାନ୍ୟ ଓ ଇଲୋକ୍ଟ୍ରୋନିକ୍ସ ସାମଗ୍ରୀ ଗୁଡିକ ମରାମତି କରାନଯାଇ ମନଇଚ୍ଛା କ୍ରୟ କରି ଲକ୍ଷାଧିକ ଟଙ୍କା ଆତ୍ମସାତ କରାଯାଇଛି। ଏପରିକି ସମିତିର ବିନା ଅନୁମୋଦନରେ ଉନ୍ନୟନ ମୂଳକ ପ୍ରକଳ୍ପ କାମ ନିର୍ଦ୍ଦିଷ୍ଟ ବ୍ୟକ୍ତିବିଶେଷଙ୍କୁ ଦିଆଯାଇ ଲକ୍ଷାଧିକ ଟଙ୍କା ଅର୍ଥ ରୋଜଗାର କରୁଛନ୍ତି। ଏମଜିଏନଆରଇଜିଏ କାମ କାର୍ଯ୍ୟକାରୀ ଠାରୁ ବିଲ ପଇଠ ପର୍ଯ୍ୟନ୍ତ ସବୁଠି ଟଙ୍କା ଅର୍ଥ ଆଦାୟ କରୁଛନ୍ତି। ବିଡିଓ କୌଣସି ଜନ ପ୍ରତିନିଧିଙ୍କୁ ଉଚିତ ସମ୍ମାନ ପ୍ରଦର୍ଶନ କରୁନାହାନ୍ତି। ଏଠାରେ ବିଡିଓଙ୍କ ଯୋଗଦାନ ପରଠାରୁ ନିଜର ଏକ ଗୋଷ୍ଠୀ ଗଠନ କରି ସେମାନଙ୍କୁ ବିଭିନ୍ନ ସରକାରୀ ପ୍ରୋତ୍ସାହନ ଦେଇ ସମସ୍ତ ସରକାରୀ କର୍ମଚାରୀଙ୍କୁ ଧମକ ଚମକ ଦେଇ ଆତଙ୍କିତ କରି ରଖିଛନ୍ତି। ଅତୀତରେ ବିଡିଓଙ୍କ ମନମୁଖୀ କାର୍ଯ୍ୟ ଏବଂ ଜନ ପ୍ରତିନିଧିଙ୍କୁ ଅଣଦେଖା ନେଇ ଆଇନଶୃଙ୍ଖଳା ପରିସ୍ଥିତି ମଧ୍ୟ ସୃଷ୍ଟି ହୋଇଛି। ଗତ ୫ ତାରିଖରେ ବଡକୁମାରୀ ପଞ୍ଚାୟତରେ ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ଜନଶୁଣାଣୀ ପାଇଁ ଗ୍ରାମବାସୀ ବାହାରେ ଅପେକ୍ଷା କରିଥିବାବେଳେ ଭିତରେ ବିଡିଓ ନିଜ ବ୍ୟକ୍ତିଗତ ଗାଡି ଡ୍ରାଇଭରଙ୍କ କେକ୍‌କାଟି ଜନ୍ମଦିନ ପାଳନ କରିଥିଲେ। ଏହାର ତଦନ୍ତ ସାପେକ୍ଷ। ସରକାରୀ ଗାଡିକୁ ନିଜ ଅକ୍ତିଆରରେ ରଖି ଭୁବନେଶ୍ୱର ଯାତାୟାତ କରିବା ସହ ବ୍ୟକ୍ତିଗତ କାର୍ଯ୍ୟରେ ବ୍ୟବହାର କରୁଛନ୍ତି। ବ୍ଲକ ସ୍ତରୀୟ ବିଭିନ୍ନ ଷ୍ଟାଣ୍ଡିଂ କମିଟି ବୈଠକ କରାଯାଉ ନାହିଁ ବୋଲି ଅଭିଯୋଗ କରିଛନ୍ତି। ବିଡିଓଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

ଅତିରିକ୍ତ ଜିଲାପାଳ ଶ୍ରୀ ପ୍ରଧାନଙ୍କ କହିବା କଥା, ବୋଲଗଡ଼ ବ୍ଲକ ଅଧକ୍ଷାଙ୍କ ସମେତ ଏକାଧିକ ସରପଞ୍ଚ ଏବଂ ସମିତି ସଭ୍ୟ ବିଡିଓଙ୍କ ବିରୋଧରେ ବହୁ ଅଭିଯୋଗ ଆଣିଛନ୍ତି। ଅଭିଯୋଗ ସଂକ୍ରାନ୍ତରେ ଜିଲାପାଳଙ୍କ ସହ ଆଲୋଚନା କରାଯିବା ସହ ଏହାକୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ପଠାଯିବ।

## ହାଇୱା ଧକ୍କାରେ ଜଣେ ମୃତ, ଜଣେ ଗୁରୁତର

**ଖୋର୍ଦ୍ଧା, ୩୧।୧(ସମିସ):** ଶିକ୍ଷାଞ୍ଚଳ ଥାନା ଅନ୍ତର୍ଗତ ଜଟଣୀ ବାଇପାସ ନିକଟରେ ଏକ ମାଲ ବୋଝେଇ ହାଇୱା ଧକ୍କାରେ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ଅନ୍ୟଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ସ୍ଥାନୀୟ ଚାଟେରାଶବର ସାହିର ବିକାଶ ନାୟକ (୨୨) ଓ ଗୁରୁତର ଜଣକ ହେଲେ ବାପି ଦେହୁରୀ (୨୩)।

ସୂଚନା ଅନୁସାରେ, ସକାଳ ପ୍ରାୟ ସାଢେ ୧୦ଟା ସମୟରେ ଏକ ବାଇକ୍ ରେ ବିକାଶ ଓ ବାପି ଆସୁଥିବାବେଳେ ଜଟଣୀ ବାଇପାସ ନିକଟରେ ତାଙ୍କୁ ହାଇୱା ଧକ୍କା ଦେଇଥିଲା। ଦୁଇଜଣଙ୍କୁ ଗୁରୁତର ଅବସ୍ଥାରେ ସ୍ଥାନୀୟଲୋକ ଓ ପୁଲିସ ପହଁଚି ଉଦ୍ଧାର କରି ଖୋର୍ଦ୍ଧା ମେଡିକାଲରେ ଭର୍ତି କରିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଉଭୟଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଥିଲା। ସେଠାରେ ବିକାଶଙ୍କ ମୃତ୍ୟୁ ହୋଇଥିବା ଶିକ୍ଷାଞ୍ଚଳ ଥାନା ଅଧିକାରୀ ଉମେଶ ସାହୁ ସୂଚନା ଦେଇଛନ୍ତି। ଘଟଣାସ୍ଥଳରୁ ପୁଲିସ ଗାଡି ଦୁଇଟିକୁ ଜବତ କରି ୨୬/୨୬ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଥାନା ଅଧିକାରୀ ଶ୍ରୀ ସାହୁ ସୂଚନା ଦେଇଛନ୍ତି।

## ୧୩୦ ଗ୍ରାମ୍ ବ୍ରାଉନ୍‌ସୁଗର ଜବତ, ଜଣେ ଗିରଫ

**ଜଟଣୀ, ୩୧।୧(ସମିସ):** ଜଟଣୀ ଅବକାରୀ ବିଭାଗ ପକ୍ଷରୁ ରାଜା ବଜାର ଅଞ୍ଚଳରେ ଚଢ଼ଉ କରି ଜଣେ ନିଶା ବେପାରୀକୁ ପୁଲିସ କାବୁ କରିଛି। ଗିରଫ ଅଭିଯୁକ୍ତ ହେଲା ରାଜା ବଜାରର ଗୋପାଳ କୃଷ୍ଣ ଗୌଡ଼ (୨୦)। ଅଭିଯୁକ୍ତ ନିକଟରୁ ୧୩୦ ଗ୍ରାମର ବ୍ରାଉନସୁଗର୍ ପୁଲିସ ଜବତ କରିଛି। ସୂଚନାଯୋଗ୍ୟ ଯେ, କିଛି ମାସ ହେଲା ରାଜା ବଜାର ଅଞ୍ଚଳରେ ଅଭିଯୁକ୍ତ ନିଶା ବେପାର କରି ଆସୁଥିଲା। ସ୍ଥାନୀୟ ଲୋକ ବାରମ୍ବାର ଅଭିଯୋଗ କରିବା ପରେ ଆଜି ସକାଳେ ଅବକାରୀ ବିଭାଗର ଏକ ଟିମ୍ ରାଜା ବଜାର ଫକଡ଼ ସାହି ଲେନରେ ଚଢ଼ଉ କରିଥିଲା। ଅଭିଯୁକ୍ତ ବ୍ରାଉନସୁଗର୍ ଧରି ରାସ୍ତା କଡ଼ରେ ଗ୍ରାହକଙ୍କୁ ଅପେକ୍ଷା କରିଥିବା ଅବସ୍ଥାରେ ପୁଲିସ ମାଡ଼ି ବସିଥିଲା। ଯାଞ୍ଚ ବେଳେ ତା ନିକଟରୁ ପୁଲିସ ବ୍ରାଉନସୁଗର୍ ଜବତ କରିଥିଲା। ଏ ନେଇ ଥାନାରେ ଏକ କେସ ନଂ ୧୭୧/୨୬ ରେ ମାମଲା ରୁଜୁ କରି ଅଭିଯୁକ୍ତକୁ ଗିରଫ ପରେ କୋର୍ଟ ଚାଲାଣ କରିଛି ପୁଲିସ।

## ବ୍ରାଉନ୍‌ସୁଗର ଜବତ; ଜଣେ ଗିରଫ

**ଖୋର୍ଦ୍ଧା, ୩୧।୧(ସମିସ):** ଅବକାରୀ ମୋବାଇଲ ସ୍କ୍ୱାର୍ଡ ମଳିପଡ଼ା ଛକରେ ଚଡଉ କରି ଜଣେ ବ୍ରାଉନସୁଗର ବେପାରୀ କୁ ଗିରଫ କରିଛି। ଗିରଫ ଜଣକ ହେଲେ ଆଦର୍ଶ ଥାନା ଅନ୍ତର୍ଗତ ପଲ୍ଲାହାଟ କଣ୍ଟାଛକ ଅଞ୍ଚଳର ହୃଷିକେଶ ସାହୁ (୩୭)। ମଳିପଡ଼ା ଛକରେ ବ୍ରାଉନସୁଗର କାରବାର ହେଉଥିବା ବିଶେଷ ସୂତ୍ରରୁ ଅବକାରୀ ମୋବାଇଲ ସ୍କ୍ୱାର୍ଡ ଖବର ପାଇଥିଲା। ତାକୁ ଧରିବା ଲାଗି ଆଜି ମୋବାଇଲ ସ୍କ୍ୱାର୍ଡର ଏକ ଟିମ୍ ଆଇଆଇସି ତପସ୍ୱିନୀ ବରାଳଙ୍କ ନେତୃତ୍ୱରେ ସେଠାରେ ଛପି ରହିଥିଲା। ହୃଷିକେଶ ମାଲ ଧରି ଗ୍ରାହକକୁ ଅପେକ୍ଷା କରିଥିବାବେଳେ ଏହି ଟିମ୍ ଚଡଉ କରି ତାକୁ ଧରିଥିଲେ। ଏ ନେଇ ଏକ ମାମଲା ରୁଜୁକରି ହୃଷିକେଶକୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ପକ୍କା ରାସ୍ତା ନିର୍ମାଣ ଦାବି

**ବେଗୁନିଆ, ୩୧।୧(ସମିସ):** ବାଙ୍କୀ ବ୍ଲକ ଉପଖଣ୍ଡ ଅନ୍ତର୍ଗତ ପୁଇଁଚା ପଞ୍ଚାୟତ ପଣ୍ଡାଳମ ଗ୍ରାମର ତ୍ରିନାଥ ମନ୍ଦିରଠାରୁ ଉପର ଆଦିବାସୀ ସାହି ପର୍ଯ୍ୟନ୍ତ ଏହି ଦେଢ଼ କିମି ରାସ୍ତା ଖାଲ ଖମା ଭିତରେ ପଡ଼ି ରହିଥିଲେ ମଧ୍ୟ କାହାର ଦୃଷ୍ଟି ପଡୁନି। ଫଳରେ ସାଧାରଣରେ ଅସନ୍ତୋଷ ବ୍ୟାପିବାରେ ଲାଗିଛି। କେବଳ ନିର୍ବାଚନ ସମୟରେ ନେତା ମନ୍ତ୍ରୀଙ୍କ ଠାରୁ ଆରମ୍ଭ କରି କାର୍ଯ୍ୟ କରିବାର ମିଛ ପ୍ରତିଶ୍ରୁତି ଦେଇ ଚାଲି ଯାଉଥିବା ବେଳେ ତାହା କାର୍ଯ୍ୟକାରୀ କରିବା ପାଇଁ ପଦକ୍ଷେପ ନେବା ତ ଦୂରର କଥା କୌଣସି କାର୍ଯ୍ୟ କରି ନ ଥାଆନ୍ତି। କେତେବେଳେ କେମିତି ଅଳ୍ପ କିଛି ମାଟି ଓ ମୋରମ ବିଛାଇ ବେଶ ଦୁଇ ପଇସା ପାଇ ଲାଭବାନ ହୋଇଥାନ୍ତି। ଏହି ରାସ୍ତା ଜନ ସାଧାରଣଙ୍କ ସ୍ୱାର୍ଥ ଦୃଷ୍ଟିରୁ ଅର୍ଥ ମଞ୍ଜୁର କରାଯାଇ କାର୍ଯ୍ୟ କରିବାକୁ ସାଧାରଣରେ ଦାବି ହେଉଛି।

## ବୀଣାପାଣି ଶିଶୁ ବିଦ୍ୟାମନ୍ଦିର ଛାତ୍ରଛାତ୍ରୀଙ୍କ ସଫଳତା

**ଖୋର୍ଦ୍ଧା, ୩୧।୧ (ସମିସ):** ୨୦୨୪-୨୫ ଶିକ୍ଷାବର୍ଷ ପାଇଁ ପଞ୍ଚମ ଓ ତୃତୀୟ ଶ୍ରେଣୀ ବୃତ୍ତି ପରୀକ୍ଷା ଫଳ ପ୍ରକାଶ ପାଇଥିବା ବେଳେ ଖୋର୍ଦ୍ଧା ଗାନ୍ଧିପଡ଼ିଆ ସ୍ଥିତ ବୀଣାପାଣି ଶିଶୁ ବିଦ୍ୟା ମନ୍ଦିର ର ଛାତ୍ରଛାତ୍ରୀ ଶତପ୍ରତିଶତ ସଫଳତା ହାସଲ କରିଛନ୍ତି। ଖୋର୍ଦ୍ଧା ପୌରାଞ୍ଚଳସ୍ତର ରେ ବିଦ୍ୟାଳୟ ର ଅଭିଜିତ ଶତପଥୀ ପଞ୍ଚମ ଶ୍ରେଣୀ ବୃତ୍ତି ପରୀକ୍ଷା ରେ ଶୀର୍ଷସ୍ଥାନ ଅଧିକାର କରିଛନ୍ତି। ସେହିପରି ଶ୍ରେୟାଂଶ ସାମନ୍ତରାୟ, ଏଲିନା ଦାସ, ସାଇସ୍ମିତା ରଗଡ଼ (ଉଚ୍ଚ ପ୍ରାଥମିକ) ପଞ୍ଚମ ଶ୍ରେଣୀ ବୃତ୍ତି ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ତୃତୀୟ ଶ୍ରେଣୀ ବୃତି ପରୀକ୍ଷା ରେ କୈବଲ୍ୟ ଲେଙ୍କା, କ୍ରିତିକା ମହାରଣା, ସାଇ ପ୍ରତ୍ୟୁଷା ମହାପାତ୍ର (ନିମ୍ନ ପ୍ରାଥମିକ) ତୃତୀୟ ଶ୍ରେଣୀ ବୃତି ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି।

## ମ୍ୟୁନିସିପାଲିଟି -୧ କ୍ଲଷ୍ଟରରେ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି କର୍ମଶାଳା

**ଖୋର୍ଦ୍ଧା, ୩୧।୧(ସମିସ):** ଖୋର୍ଦ୍ଧା ବ୍ଲକ ଏମ୍.ପି.ଏଲ-୧ ଆଞ୍ଚଳିକ ସାଧନ କେନ୍ଦ୍ର ଆନୁକୂଲ୍ୟରେ ସରକାରୀ ଉଚ୍ଚ ପ୍ରାଥମିକ ମୁକୁନ୍ଦପ୍ରସାଦ ଠାରେ ଦ୍ୱିଦିବସୀୟ କ୍ଲଷ୍ଟର ସ୍ତରୀୟ ଶିକ୍ଷଣ ସାମଗ୍ରୀ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ସଂଯୋଜକ ଭାବେ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଦିବ୍ୟସିଂହ ସୁବୁଦ୍ଧି ଏବଂ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ରଶ୍ମି ଦାସ ଓ ମଣ୍ଡଳ ସାଧନ କେନ୍ଦ୍ର ସଂଯୋଜକ ସଂଧ୍ୟାବତୀ ଲେଙ୍କା ସଭାପତିତ୍ୱ ରୂପେ ଉପସ୍ଥିତ ରହି କ୍ଲଷ୍ଟର ସ୍ତରୀୟ କର୍ମଶାଳାକୁ ଉଦ୍‌ଘାଟନ କରିଥିଲେ। କ୍ଲଷ୍ଟରର ୧୦ଟି ବିଦ୍ୟାଳୟରୁ ୩୦ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ୫ଜଣ ସାଧନ କର୍ମୀ ସଞ୍ଜୟ କୁମାର ମହାରଣା, ଦିଲ୍ଲୀପ କୁମାର ପଟ୍ଟନାୟକ ଆଦି ଅଂଶ ଗ୍ରହଣ କରିଥିଲେ।

## ଶକ୍ତିଶ୍ରୀ ସଶକ୍ତୀକରଣ କାର୍ଯ୍ୟକ୍ରମ ଉଦ୍‌ଘାଟିତ

ଚିଲିକା, ୩୧।୧(ସମିସ): ଗତ ୨୯ ତାରିଖ ଦିନ ଖୋର୍ଦ୍ଧା ଜିଲ୍ଲା ନାଚୁଣୀ ମହାବିଦ୍ୟାଳୟ ପରିସର ମଧ୍ୟରେ ଶକ୍ତିଶ୍ରୀ ସଶକ୍ତୀକରଣ କାର୍ଯ୍ୟକ୍ରମର ୭ଦିନିଆ ଆତ୍ମରକ୍ଷା କୌଶଳ ଶିବିର ଉଦ୍‌ଘାଟିତ ହୋଇଯାଇଅଛି। ଏହାକୁ ଉଦ୍‌ଘାଟନ କରିଥିଲେ ବାଲୁଗାଁ ଏସ୍‌ଡିପିଓ ସଞ୍ଜୟ କୁମାର ପଟ୍ଟନାୟକ। ଏହି ଉପଲକ୍ଷେ ଆୟୋଜିତ ସଭାରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ସୁନୀଲ କୁମାର ପଟ୍ଟନାୟକ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମଟିକୁ ଶକ୍ତିଶ୍ରୀ ସାଥୀ ଛାତ୍ରୀ ମିତାଲି ସାସମଲ ସମେତ ସହଯୋଗୀ ସାଥୀଭାବେ ପ୍ରତ୍ୟେକ ସମ୍ମାନ ବିଭାଗ ତରଫରୁ ସଂଘମିତ୍ରା ପରିଡ଼ା, ମୋନାଲିସା ସାହୁ, ଦିବ୍ୟଜ୍ୟୋତି ସାହୁ, ଶାନ୍ତିଲତା ସେଣ, ମୋନାଲିକା ନାୟକ, ଲିଜା ମହାରଥୀ, ପ୍ରାଚୀ ପ୍ରିୟଦର୍ଶିନୀ, ଶାଶ୍?ତ ପ୍ରଧାନ, ପିଙ୍କି ରଣସିଂହ, ପି.ସ୍ନିଗ୍ଧାରାଣୀ ପୃଷ୍ଟି ଓ ପ୍ରିତିପ୍ୟାଲି ପଟ୍ଟନାୟକ ପ୍ରମୁଖ ଛାତ୍ରୀମାନେ ପ୍ରତିନିଧିତ୍ୱ କରିଥିଲେ। ଉକ୍ତ କାର୍ଯ୍ୟକ୍ରମଟିକୁ ସଂଯୋଜିକା ତଥା ପ୍ରାଣୀ ବିଜ୍ଞାନର ଅଧ୍ୟାପିକା ଡକ୍ଟର ସି. ମଞ୍ଜୁଲତା ପରିଚାଳନା କରିଥିବା ବେଳେ ଧନ୍ୟବାଦ ଅର୍ପଣ କରିଥିଲେ ସହ-ସଂଯୋଜିକା ତଥା ଉଦ୍ଭିଦ ବିଜ୍ଞାନର ଅଧ୍ୟାପିକା ଲୋପାମୁଦ୍ରା ମିଶ୍ର।

## ଓଡ଼ିଆ ସାହିତ୍ୟ ପରିଷଦର ବାର୍ଷିକ ସାରସ୍ୱତ ସମାରୋହ

**ବାଲୁଗାଁ, ୩୧।୧(ସମିସ) :** ବାଲୁଗାଁ ମହାବିଦ୍ୟାଳୟ ଓଡ଼ିଆ ସାହିତ୍ୟ ପରିଷଦର ବାର୍ଷିକ ସାରସ୍ୱତ ସମାରୋହ, କବିତା ପାଠୋତ୍ସବ ଓ ପୁରସ୍କାର ବିତରଣ ଉତ୍ସବ ଗୁରୁବାର ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ଲକ୍ଷ୍ମୀଧର ସୁବୁଦ୍ଧିଙ୍କ ସଭାପତିତ୍ୱରେ ଆୟୋଜିତ ସମାରୋହରେ ମୁଖ୍ୟ ଅତିଥି ଭାବେ ଗାଳ୍ପିକ ଶିବ ମିଶ୍ର ଓ ମୁଖ୍ୟବକ୍ତା ଭାବେ ପ୍ରାଧ୍ୟାପିକା ଡକ୍ଟର ଜୟନ୍ତୀ ସାମଲ ଯୋଗଦେଇ ଭାଷା ସାହିତ୍ୟର ବିକାଶ ପାଇଁ ଛାତ୍ରଛାତ୍ରୀ ମାନଙ୍କର ଉତ୍ତରଦାୟିତ୍ୱ ଏବଂ ଗଳ୍ପ, କବିତା ଆଦି ସର୍ଜନଶୀଳ ଲେଖାର ଶୈଳୀ ଓ ଗଠନ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ସମ୍ମାନିତ ଅତିଥି ଭାବେ କବି ରବୀନ୍ଦ୍ର ପ୍ରଧାନ, ରବୀନ୍ଦ୍ର ମାନସିଂହ, ବ୍ୟଙ୍ଗକବି ରୋଜି ମିଶ୍ର, ଗାଳ୍ପିକ ସୁଶାନ୍ତ ଦାଶ, କବି ଶଶୀଭୂଷଣ ବରାଳ, ବ୍ରଜ ଜେନା ପ୍ରମୁଖ ଯୋଗ ଦେଇ କବିତା ଓ ଗଳ୍ପ ପାଠ କରିବା ସହ ଶିକ୍ଷାର୍ଥୀ ମାନଙ୍କୁ ମୌଳିକ ଲେଖା ଲେଖିବା ପାଇଁ ଅନୁପ୍ରେରିତ କରିଥିଲେ। ଓଡ଼ିଆ ସାହିତ୍ୟ ପରିଷଦର ଉପଦେଷ୍ଟା ଅଧ୍ୟାପକ ଡକ୍ଟର କୈଳାସ ଚନ୍ଦ୍ର ମହାରଣା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଅଧ୍ୟାପିକା ଶୁଭଦର୍ଶିନୀ ବିଶ୍ୱାଳ ଆୟୋଜିତ ସଭାକୁ ସଂଯୋଜନା କରିଥିଲେ। ଏହି ଅବସରରେ ଓଡ଼ିଆ ଭାଷା ସାହିତ୍ୟ ବିଭାଗ ମୁଖ୍ୟ ଅଧ୍ୟାପିକା ଝରଣା ନାଥଙ୍କ ସଂଯୋଜନାରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ୪୦ ଜଣ ଛାତ୍ରଛାତ୍ରୀ ସ୍ୱରଚିତ କବିତା ପାଠ କରିଥିଲେ। ସାହିତ୍ୟ ପରିଷଦ ପକ୍ଷରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର ଶ୍ରେଷ୍ଠ ଛାତ୍ରଛାତ୍ରୀ ଭାବେ ଶାଶ୍ୱତୀ ମିଶ୍ର, ପଦ୍ମିନୀ ରାଉତ, ସୁଶୀଳା ଜାଲି, ମନୀଷା ଦିହୁଡି, ପୂଜା ଦିହୁଡି, ପ୍ରିୟଙ୍କା ବେହେରା, ପ୍ରଜ୍ଞାସ୍ମିତା ସାହୁ, ସରସ୍ୱତୀ ଘଟୁଆଳି, ଜଗନ୍ନାଥ ସାହୁ, ମୋନାଲି ଗୁମାନସିଂହଙ୍କୁ ପୁରସ୍କୃତ କରାଯାଇ ଥିଲା। ଅଧ୍ୟାପକ ଧୋବୀଚରଣ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ।

## ମହର୍ଷି ବିଦ୍ୟାଳୟର ବାର୍ଷିକ ଉତ୍ସବ

**ଟାଙ୍ଗୀ, ୩୧।୧(ସମିସ):** ଚାନ୍ଦପୁର ମହର୍ଷି ଇଂରାଜୀ ମାଧ୍ୟମ ବିଦ୍ୟାଳୟର ଚତୁର୍ଥ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଜୟ କୁମାର ରାଉତଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ରଣପୁର ବିଧାୟିକା ତଥା ବାଚସ୍ପତି ସୁରମା ପାଢ଼ୀ ଯୋଗଦେଇ ଛାତ୍ରଛାତ୍ରୀମାନେ ଜଣେ ଜଣେ ଭଲ ମଣିଷ ହେବା ପାଇଁ ପାଠ ପଢ଼ିବାକୁ ପରାମର୍ଶ ପ୍ରଦାନ କରିଥିଲେ। ସମ୍ମାନୀତ ଅତିଥିଭାବେ ଟାଙ୍ଗୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରଦୀପ ସାହୁ, ଚାନ୍ଦପୁର ଆଇଆଇସି ଅଭୟ କୁମାର ବେହେରା, ଟାଙ୍ଗୀ ଥାନା ଅତିରିକ୍ତ ଆଇଆଇସି ଶ୍ରଦ୍ଧା ନାୟକ, ବିଦ୍ୟାଳୟ ଚେୟାରମ୍ୟାନ ଶ୍ରୀନିବାସ ସାହୁ, ସିଆରସିସି ପବିତ୍ର କୁମାର ପ୍ରଧାନ, ସମାଜସେବୀ ପଦ୍ମ ଚରଣ ପ୍ରଧାନ, ଅବସରପ୍ରାପ୍ତ ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ରବୀନ୍ଦ୍ର କୁମାର ନାୟକ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଜଳନ୍ଧର ମହାରଣା, ସମ୍ପାଦକ ପ୍ରଭାସିନୀ ସାହୁ, କୋଷାଧ୍ୟକ୍ଷ ମିତାଞ୍ଜଳି ସାହୁ, ଟ୍ରଷ୍ଟି ସଭାପତି ସନ୍ତୋଷ କୁମାର ଚମ୍ପତି ପ୍ରମୁଖ ଯୋଗ ଦେଇଥିଲେ। ଅଧ୍ୟକ୍ଷ ରଘୁନାଥ ବେହେରା ବାର୍ଷିକ ବିବରଣୀ ପାଠ କରିଥିଲେ। ଶିକ୍ଷୟତ୍ରୀ କାଜଲ ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। ଓଡିଆ ସିନେ କଳାକାର ଶୁଭାଷିଶ ଶର୍ମା ଓ ନଟିଆ କମେଡି କଳାକାର ସ୍ମୃତି ରଞ୍ଜନ ମହାନ୍ତି ଯୋଗଦେଇ ସେମାନଙ୍କର କଳା ପ୍ରଦର୍ଶନ କରିଥିଲେ।

## ଜରିପୁଟ କ୍ଲଷ୍ଟରରେ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି କର୍ମଶାଳା



**ଖୋର୍ଦ୍ଧା, ୩୧।୧(ସମିସ):** ଖୋର୍ଦ୍ଧା ବ୍ଲକ ଜରିପୁଟ ଆଞ୍ଚଳିକ ସାଧନ କେନ୍ଦ୍ର ଆନୁକୂଲ୍ୟରେ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଜରିପୁଟ ଠାରେ ଦ୍ୱିଦିବସୀୟ କ୍ଲଷ୍ଟରସ୍ତରୀୟ ଶିକ୍ଷଣ ସାମଗ୍ରୀ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ସଂଯୋଜକ ଭାବେ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜିକା ଗୀତାଞ୍ଜଳି ସାହୁ ଏବଂ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁଚିତ୍ରା ନନ୍ଦ ଉପସ୍ଥିତ ରହି କ୍ଲଷ୍ଟରସ୍ତରୀୟ କର୍ମଶାଳା ସମ୍ବନ୍ଧରେ ଅବଗତ କରାଇଥିଲେ। ଶିକ୍ଷକ ଶିକ୍ଷୟିତ୍ରୀମାନେ କାଗଜ ରଙ୍ଗ, ସୋଲ ପଟା, ମାଟି ମାଧ୍ୟମରେ ବିଭିନ୍ନ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ କରିଥିଲେ। କ୍ଲଷ୍ଟରର ୧୦ଟି ବିଦ୍ୟାଳୟରୁ ୨୦ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ୫ଜଣ ସାଧନ କର୍ମୀଙ୍କର ମିଳିତ ଉଦ୍ୟମରେ ୬୦ରୁ ଅଧିକ ଶିକ୍ଷଣୀୟ ସାମଗ୍ରୀ ପ୍ରସ୍ତୁତ ହୋଇଥିଲା।

## ସଡ଼କ ସୁରକ୍ଷା ଶୋଭାଯାତ୍ରା




**ନିରାକାରପୁର, ୩୧।୧ (ସମିସ):** ଖୋର୍ଦ୍ଧା ଜିଲ୍ଲା ନିରାକାରପୁର କ୍ଷେତ୍ରବାସୀ ଦୟାନନ୍ଦ ଅଙ୍ଗଲୋବାଦୀ ମହାବିଦ୍ୟାଳୟର ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ତରଫରୁ ଏକ ସଡକ ସୁରକ୍ଷା ଶୋଭାଯାତ୍ରା ଏନସିସି ଅଫିସର ଡ. ଲେଫ୍ଟନାଣ୍ଟ ଲକ୍ଷ୍ମୀପ୍ରିୟା ଚାନ୍ଦଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ନୂତନ ଅଧ୍ୟକ୍ଷ ଭାବରେ ଦାୟିତ୍ୱ ଗ୍ରହଣ କରିଥିବା ପ୍ରଫେସର ଧୀରେନ୍ଦ୍ର କୁମାର ରାଉତରାୟ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରି ଶୋଭାଯାତ୍ରାଟିର ଶୁଭାରମ୍ଭ କରିଥିଲେ। ଶୋଭାଯାତ୍ରାଟି ନିରାକାରପୁର କଲେଜର ମୁଖ୍ୟ ଫାଟକଠାରୁ ବାହାରି ନିରାକାରପୁର ବସ୍ ଷ୍ଟାଣ୍ଡ ପର୍ଯ୍ୟନ୍ତ ଯାଇଥିଲା। ଏହି ଶୋଭାଯାତ୍ରାରେ ରାଜନୀତି ବିଭାଗର ବରିଷ୍ଠ ଅଧ୍ୟାପକ ଡ଼. ପ୍ରଭାତ ଦାସ, ବାଣିଜ୍ୟ ବିଭାଗର ବରିଷ୍ଠ ଅଧ୍ୟାପକ ଅଶୋକ ପତ୍ର, ସଂସ୍କୃତ ବିଭାଗର ଅଧ୍ୟାପିକା ତଥା ଯୁବ ରେଡକ୍ରସର ପରାମର୍ଶଦାତା ସୋନାଲି ରଣସିଂ, ଇତିହାସ ବିଭାଗର ଅଧ୍ୟାପିକା ତଥା ସ୍କାଉଟ ଆଣ୍ଡ ଗାଇଡ ରଶ୍ମିତା ଜେନା, ରସାୟନ ବିଭାଗର ଅଧ୍ୟାପିକା ମୋନାଲିସା ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

## ପୁଅ ସମେତ ତିନିଜଣଙ୍କ ବେକ କାଟିଦେଲା ସାବତ ମା'



**ଟାଙ୍ଗୀ, ୩୧।୧(ସମିସ) :** ବୃଦ୍ଧ ପିତାମାତାଙ୍କୁ ଶାରୀରିକ ଯନ୍ତ୍ରଣା ଦିଆଯାଉଥିବା ଘଟଣାର ପ୍ରତିବାଦ କରି ଦୁଇ ବିବାହିତା ଝିଅ ବାପ ଘରକୁ ଆସି ଏକମାତ୍ର ଭାଇକୁ ପ୍ରତିବାଦ କରିଥିଲେ। ହେଲେ ଭାଇ କିନ୍ତୁ ଅନୁତାପ କରିବା ପରିବର୍ତ୍ତେ ନିଜ ପରିବାର ସଦସ୍ୟ ଓ ନିଜ ସମର୍ଥକଙ୍କୁ ଡାକି ଦୁଇ ଭଉଣୀଙ୍କୁ ଆକ୍ରମଣ କରିଥିଲେ। ଏହି ଘଟଣା ସମୟରେ ସାବତ ମା' ପୁଅର ବେକକୁ ବ୍ଲେଡରେ କାଟି ଗୁରୁତର କରିଦେଇଥିବା ଟାଙ୍ଗୀ ଥାନା ରେ ଲିଖିତ ଅଭିଯୋଗ ହୋଇଛି।

ଟାଙ୍ଗୀ ଥାନା ଅଧିନସ୍ଥ ମଙ୍ଗଳାଯୋଡିର ପେଣ୍ଠ ସାହିର ଦେବରାଜ ବେହେରା ନିଜ ବୃଦ୍ଧ ପିତାମାତାଙ୍କୁ ଶାରୀରିକ ନିର୍ଯ୍ୟାତନା ଦେଉଥିବା ଖବର ପାଇ ଏହି ଥାନା ଅଧିନସ୍ଥ ବାଲିପାଟପୁରରେ ବିବାହ କରିଥିବା ଝିଅ ରଶ୍ମୀତା ଓ ସେହି ମଙ୍ଗଳାଯୋଡିରେ ବିବାହ କରିଥିବ ଝିଅ କୌଶଲ୍ୟା ଘଟଣା ସମ୍ପର୍କରେ ଏକମାତ୍ର ଭାଇ ଦେବରାଜ କୁ ଅଭିଯୋଗ କରିଥିଲେ। ତେବେ ଭାଇ ଏଭଳି ଘଟଣ ର ଅନୁତାପ କରିବା ଦୂରେ ଥାଉ ନିଜ ସମର୍ଥକ ସେହି ଗ୍ରାମର ବାସୁ ବେହେରା, ସୁର ବେହେରା, ବିର ବେହେରା, ହରଷ ବେହେରା, ରଞ୍ଜିତା ବେହେରା, ରବି ବେହେରା ସମେତ ନିଜ ସ୍ତ୍ରୀ ପିଲାଛୁଆଙ୍କ ଦ୍ୱାରା ନିଜ ଦୁଇ ଭଉଣୀ ଙ୍କୁ ନିସ୍ତୁକ ମାଡ ମାରିବା ସହ ବିଭିନ୍ନ ଧାରୁଆ ଅସ୍ତ୍ରରେ ଆକ୍ରମଣ କରି ଲହୁଲୁହାଣ କରିଥିଲେ। ଏହି ସମୟରେ ଘଟଣାସ୍ଥଳରେ ଥିବା ଦେବରାଜଙ୍କ ପୁଅ ବିଜ୍ଞାନି କୁ ସାବତ ମା' କୁନି ଏକ ଧାରୁଆ ବ୍ଲେଡ ରେ ବେକ କୁ କାଟି ଦେବାରେ ସେ ଗୁରୁତର ହୋଇ ଚିକିତ୍ସା ହୋଇଥିବା ଜଣାପଡ଼ିଛି। ଏହି ଘଟଣା ସମ୍ପର୍କରେ ଟାଙ୍ଗୀ ଥାନାରେ ଲିଖିତ ଅଭିଯୋଗ ହୋଇଥିବା ବେଳେ ଦେବରାଜଙ୍କ ଝିଅ ମଧ୍ୟ ଏକ ପାଲଟା ଅଭିଯୋଗ କରିଥିବା ଜଣାପଡ଼ିଛି। ଟାଙ୍ଗୀ ଥାନା ଆଇଆଇସି ରବୀନ୍ଦ୍ର କୁମାର ଭୂଜବଳ ଙ୍କୁ ପଚାରିବାରେ ଦୁଇଟି ପୃଥକ୍ ପୃଥକ୍ ମକଦମା ହୋଇଥିବା ଓ ସବଇନସପେକ୍ଟର ପ୍ରଫୁଲ୍ଲ କୁମାର ସାହୁ ଘଟଣା ର ତଦନ୍ତ କରୁଥିବା ସୂଚନା ପ୍ରଦାନ କରିଛନ୍ତି।

## ଗ୍ରାମୀଣ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ




**ବାଣପୁର, ୩୧।୧(ସମିସ) :** ବାଣପୁର ଗ୍ରାମୀଣ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୩୪ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ସର୍ବେଶ୍ୱର ଷଡ଼ଙ୍ଗୀଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଚିଲିକା ବିଧାୟକ ତଥା ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗଦେଇ ବିକଶିତ ଓଡ଼ିଶା ଓ ବିକଶିତ ଭାରତ ଉପରେ ଗୁରୁତ୍ୱ ଦେଇଥିଲେ। ମୁଖ୍ୟବକ୍ତା ଭାବେ 'ବିଶ୍ୱମୁକ୍ତି' ପତ୍ରିକାର ସମ୍ପାଦକ ପ୍ରଫେସର ଶଶାଙ୍କ ଚୂଡ଼ାମଣି ଯୋଗଦେଇ ଛାତ୍ରୀମାନଙ୍କୁ ଉପଦେଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବାଣପୁର ଏନଏସି ନଗରପାଳ ମିଟୁ ନାୟକ ବିଦ୍ୟାଳୟର ବିଭିନ୍ନ ସମସ୍ୟା ଗୁଡିକର ସମାଧାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ଚଳିତ ବର୍ଷ ଅବସର ନେବାକୁ ଯାଉଥିବା ବିଦ୍ୟାଳୟର ଅଧ୍ୟାପକ ପ୍ରଶାନ୍ତ କୁମାର ଦାଶ, ଡେମୋନଷ୍ଟ୍ରେଟର ରବୀନ୍ଦ୍ର କୁମାର ମାର୍ଥା ଓ ଚତୁର୍ଥ ଶ୍ରେଣୀ କର୍ମଚାରୀ ରଜନୀକାନ୍ତ ମହାପାତ୍ରଙ୍କୁ ବିଦ୍ୟାଳୟ ତରଫରୁ ଜୀବନ ବ୍ୟାପି ସାଧନା ସମ୍ମାନରେ ସମ୍ମାନିତ କରାଯାଇଥିଲା। ଚଳିତ ବର୍ଷ କ୍ରୀଡା ଚମ୍ପିୟାନ ଭାବେ ବିଦ୍ୟାଳୟର ଛାତ୍ରୀ ପୂଜା ପ୍ରଧାନ ଓ ଅନୁସୂୟା ଶବରଙ୍କୁ ସରିତା ମେମୋରିଆଲ ପୁରସ୍କାର ପ୍ରଦାନ କରାଯାଇଥିବା ବେଳେ ଯୁକ୍ତ ଦୁଇ ପରୀକ୍ଷାରେ ସର୍ବାଧିକ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବା ବିଦ୍ୟାଳୟର ଛାତ୍ରୀ ଦୀପାଂଶୁ ପଟ୍ଟନାୟକଙ୍କୁ କୀର୍ତ୍ତି ସାମନ୍ତରାୟ ମେମୋରିଆଲ ଟ୍ରଫି ପ୍ରଦାନ କରାଯିବା ସହିତ ସାଂସ୍କୃତିକ କାର୍ଯ୍ୟକ୍ରମରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀ ମାନଙ୍କୁ ରାଧାକୃଷ୍ଣ ରାମ୍ ମେମୋରିଆଲ ଟ୍ରଫି ପ୍ରଦାନ କରାଯାଇଥିଲା। କମ୍ପ୍ୟୁଟର ପ୍ରଶିକ୍ଷକ ଶିବ ଶଙ୍କର ପଣ୍ଡାଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟର ଛାତ୍ରୀ ମାନଙ୍କ ଦ୍ୱାରା ସୁନ୍ଦର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ଦର୍ଶକଙ୍କ ମନ ମୋହି ଥିଲା। ଶେଷରେ ଅଧ୍ୟାପକ ପ୍ରଶାନ୍ତ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

## ମୁକ୍ତେଶ୍ୱରଦେବ କ୍ଲଷ୍ଟର ସ୍ତରୀୟ ବୈଠକ

**ଟାଙ୍ଗୀ, ୩୧।୧(ସମିସ) :** ଟାଙ୍ଗୀ ବ୍ଲକ ଅଧୀନ ସୁନ୍ଦରପୁର ପଞ୍ଚାୟତର ଚଣ୍ଡୀ ମଙ୍ଗଳା ପ୍ରାଥମିକ ବିଦ୍ୟାଳୟ ପରିସରରେ ମୁକ୍ତେଶ୍ୱରଦେବ କ୍ଲଷ୍ଟର ସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ସତ୍ୟନାରାୟଣ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ, ଲଳିତ ନାରାୟଣ ମହାପାତ୍ର, ପ୍ରକାଶ ବେହେରା, ପ୍ରିୟମ୍ବଦା ଜେନା, କବିତା ମହାପାତ୍ର, ସୁଜାତା ଜେନା, ମାନତୀ ନାୟକ ପ୍ରମୁଖ ଅତିଥି ରୂପେ ଯୋଗଦେଇ ବିଦ୍ୟାଳୟର ଭୌତିକ ପରିବେଶ, ଶୈକ୍ଷିକ ପରିବେଶ ଅଧିକ ଆକର୍ଷଣୀୟ କରିବା ପାଇଁ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ କରିବା ଏବଂ ସ୍ୱଚ୍ଛତା ସବୁଜିମାକୁ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ଶିକ୍ଷକ ଟୁଲୁ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷୟିତ୍ରୀ ମଞ୍ଜୁବାଳା ଦେଇ, ସବିତା ସୁବୁଦ୍ଧି, ମମତା ଦାସ, ଜ୍ୟୋତ୍ସ୍ନା ସିଂ, କାଦମ୍ବିନୀ ବେହେରା, ବିଷ୍ଣୁପ୍ରିୟା ସେଠୀ, ସୋନାଲୀ ମୁର୍ମୁ, ପ୍ରୀତି ପୁଷ୍ପ ଶ୍ରୀଚନ୍ଦନ, ଇତିଶ୍ରୀ ରାଉତ, ପ୍ରିୟଙ୍କା ପ୍ରିୟମ୍ବଦା ବେହେରା, ମନୋରମା ସାହୁ, ଦୀପିକା ମଣ୍ଡଳ, ରସ୍ମିତା ସେଠୀ ପ୍ରମୁଖ ବୈଠକରେ ଯୋଗ ଦେଇଥିଲେ।

### ମା' ଭଗବତୀ ଅନ୍ତର୍ଜାତୀୟ ଫୁଟବଲ
## ଦମ୍ ଦମ୍ କୋଲକାତା ଫାଇନାଲରେ

**ନିରାକାରପୁର, ୩୧।୧ (ସମିସ):** ଖୋର୍ଦ୍ଧା ଜିଲ୍ଲା ଛଣଗିରି ଖେଳ ପଡ଼ିଆରେ ଛଣଗିରି ପଞ୍ଚାୟତ ଆଞ୍ଚଳିକ ଆଥଲେଟିକ ଆସୋସିଏସନ୍ ଆନୁକୂଲ୍ୟରେ ମା ଭଗବତୀ ଚତୁର୍ଥ ବାର୍ଷିକ ଅନ୍ତର୍ଜାତୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଆଜି ରବୀନ୍ଦ୍ର ଫୁଟବଲ ଏକାଡେମୀ ଦମ ଦମ କଲିକତା ବନାମ ଓଡ଼ିଶା ଓଡ଼ିଶା ଇଲେଭେନ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଟାଇବ୍ରେକରରେ ଦମ ଦମ କଲିକତା ୫-୩ ରେ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ଆଜି ଓଡ଼ିଶା ଇଲେଭେନ ଖେଳାଳି ତୋଫାନ ନାୟକଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଟ୍ରଫି ପ୍ରଦାନ କରାଯାଇଥିଲା। ଆଜିର ଖେଳକୁ ଅଭିନାଶ ପଟ୍ଟନାୟକ, ମହମ୍ମଦ ସକିର, ଶେଖ୍ ମୁକିମ୍ ଓ ପ୍ରିୟବ୍ରତ ବହାନିପତି, ଓ ପ୍ରମୁଖ ପରିଚାଳନା କରିଥିଲେ। ମୁଖ୍ୟ ଅତିଥିଭାବେ ଖୋର୍ଦ୍ଧା ଜିଲ୍ଲା ପରିଷଦ ଅଧ୍ୟକ୍ଷା ରୂପଶ୍ରୀ ରାଣୀ ଗୁମାନସିଂହ, ଶିକ୍ଷକ ନେତା ରମାକାନ୍ତ ମହାପାତ୍ର ଶିକ୍ଷାବିତ୍ କାଳନ୍ଦୀ ଚରଣ ନାୟକ, ଶିକ୍ଷାବିତ୍ ପ୍ରମୋଦ କୁମାର ବୈରିଗଞ୍ଜନ୍, ନାଏବ ସରପଞ୍ଚ ବୀରେନ ମୋହନ ମହାପାତ୍ର, ଉପଦେଷ୍ଟା ନବକିଶୋର ପ୍ରଧାନ, ଶାନ୍ତି କମିଟି ସଭାପତି ସହଦେବ ପ୍ରଧାନ, ସେକ ରାଫିକି, ୱାର୍ଡ ସଭ୍ୟ ଶ୍ରୀନିବାସ ସାମନ୍ତରାୟ, ସଭ୍ୟା ସୁନିତାରାଣୀ ନାୟକ, ମୀରା ନାୟକ, କାମିନୀ ସୁନ୍ଦରାୟ, ଉପଦେଷ୍ଟା ବୀରେନ୍ଦ୍ର ଦାସ, ସଭାପତି ମନୋରଞ୍ଜନ ସାମନ୍ତରାୟ, ସମ୍ପାଦକ ବିଭୂତି ଭୂଷଣ ଦାଶ ଓ କାର୍ଯ୍ୟକାରୀ ସଭାପତି ଦୁର୍ଗା ପ୍ରସାଦ ସୁନ୍ଦରାୟ, ଉପ ସଭାପତି ସେକ ସେରଲି, କୋଷାଧ୍ୟକ୍ଷ ଆନନ୍ଦ ପ୍ରଧାନ ପ୍ରମୁଖ ଯୋଗଦେଇ ଖେଳାଳୀ ମାନଙ୍କୁ ଉତ୍ସାହିତ କରିଥିଲେ।

## କୁଦିଆରି ଲଣ୍ଡୁ ସ୍ମାରକୀ କ୍ରିକେଟ: ନାଇଟ୍ ରାଇଡର ଚାମ୍ପିଅନ

**ଜଟଣୀ, ୩୧।୧(ସମିସ):** କୁଦିଆରି ଗ୍ରାମ କେସିସି ଖେଳ ପଡ଼ିଆଠାରେ ଲଣ୍ଡୁ ମେମୋରିଆଲ କୁଦିଆରି ପ୍ରିମିୟର ଲିଗ ଟି-ଟ୍ୱେଣ୍ଟି ଟୁର୍ଣ୍ଣାମେଣ୍ଟ ଫାଇନାଲ ମ୍ୟାଚ ରେ ନାଇଟ ରାଇଡର ଚାମ୍ପିଅନ ହୋଇଛି। ଆଜିର ଫାଇନାଲ ମ୍ୟାଚ ଲଗାନ ଫାଇଟର ଟସ ଜିତି ପ୍ରଥମେ ବ୍ୟାଟିଂ କରି କୋଡିଏ ଓଭର ରେ ସମସ୍ତ ୱିକେଟ ହରାଇ ୧୨୮ ରନ କରିଥିବା ବେଳେ ନାଇଟ ରାଇଡ଼ର ୧୭.୧ ଓଭରରେ ୪ ୱିକେଟ ବିନିମୟରେ ୧୩୨ କରିଥିଲା। ଶୁଭମ ପଣ୍ଡା ଛକା ମାରି ଟିମ୍‌କୁ ଜିତାଇଥିଲେ। ରାକେଶ ଶର୍ମା ୨୫ ବଲରେ ୪୯ ପାଇଁ ମ୍ୟାନ ଅଫ ଦି ମ୍ୟାଚ ହୋଇଥିବାବେଳେ ସଞ୍ଜୀବ କୁମାର ପାଇକରା (ଲାପୁ) ମ୍ୟାନ ଅଫ ସିରିଜ ହୋଇଥିଲେ। ଆଜିର ଫାଇନାଲ ମ୍ୟାଚରେ ଶ୍ରମିକ କଂଗ୍ରେସ ଶାଖା ସମ୍ପାଦକ ଏଲ ଡି ମହାନ୍ତିଙ୍କ ସଭାପତିତ୍ୱରେ ଏକ ପୁରସ୍କାର ବିତରଣ ସଭା ଅନୁଷ୍ଠିତ ହୋଇଥିଲା। କଂଗ୍ରେସ ବରିଷ୍ଠ ନେତା ସୁରେଶ କୁମାର ରାଉତରାୟ ମୁଖ୍ୟଅତିଥି ଭାବେ ଭାବେ ଯୋଗଦେଇ ବିଜୟୀ ଟିମ କୁ ଟ୍ରଫି ଓ ନଗଦ ଅର୍ଥରାଶି ପୁରସ୍କାର ଦେଇଥିଲେ। ବିଜେପି ନେତା ସୁଦୀପ୍ତ ରାୟ, ଶ୍ରମିକ କଂଗ୍ରେସ କେନ୍ଦ୍ରୀୟ ପଦାଧିକାରୀ ପ୍ରମୋଦ ସାହାଣୀ, ଅଶୋକ ମଙ୍ଗରାଜ, ପ୍ରଶାନ୍ତ ପ୍ରଧାନ, ସ୍ଥାନିୟ



କାଉନସିଲର ଅମ୍ରିତା ଦାସ, ଜଗଦୀଶ ଅଗ୍ରୱାଲ ଅନ୍ୟାନ୍ୟ ଅତିଥିଭାବେ ଯୋଗଦେଇଥିଲେ। ଟୁର୍ଣ୍ଣାମେଣ୍ଟକୁ ଶୁଭମ ପଣ୍ଡା, ଆଲୋକ ପ୍ରଧାନ, ଉମେଶ ଦାସ, ଦୁଃସ୍ପି ଜୀବନ ପଣ୍ଡା, ଦୀପକ ମହାନ୍ତି, ରୁପନ୍ ମହାନ୍ତି, ବାପି ଦାସ, ଜିମା ସାହାଣୀ ପ୍ରମୁଖ ପରିଚାଳନା କରିଥିଲେ।

